## ନୃସିଂହନାଥରେ ନୂଆଁଖାଇ

# ଏକ ଅନନ୍ୟ ପରମ୍ପରା




**ଦିନକ ପରେ ନୂଆଁଖାଇ। ଏହି ମହାନ କୃଷିଭିତ୍ତିକ ପର୍ବକୁ ପାଳନ କରିବା ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର ହୋଇପଡ଼ିଛି। ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଘର ଲିପାପୋଛା ସରିଯାଇ ଥିବାବେଳେ ବାହାରେ ଥିବା ସମସ୍ତେ ଘରମୁହାଁ ହୋଇଛନ୍ତି। ପ୍ରଥମେ ଅଧିଷ୍ଠାତ୍ରୀ ଦେବୀଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି ହେବା ପରେ ସମସ୍ତେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବେ। ଏଭଳି ଏକ ଅନନ୍ୟ ପରମ୍ପରା ପଶ୍ଚିମ ଓଡ଼ିଶାର ପ୍ରମୁଖ ତୀର୍ଥକ୍ଷେତ୍ର ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ନୃସିଂହନାଥ ପୀଠରେ କିଭଳି ପାଳନ କରାଯାଉଛି, ତାକୁ ନେଇ ଏକ ଉପସ୍ଥାପନା।**

ବରଗଡ଼ ସଦର ମହକୁମାଠାରୁ ସଡ଼କପଥରେ ୧୧୦ କି.ମି ଦୂରରେ ରହିଛି ଏହି ତୀର୍ଥକ୍ଷେତ୍ର। ଏଠାରେ ବାରମାସରେ ତେରପର୍ବ ପାଳିତ ହୁଏ। ବାଳ ବ୍ରହ୍ମଚାରୀମାନେ ନୃସିଂହ ମହାପ୍ରଭୁଙ୍କୁ ନୀତି ନିୟମ ଅନୁସାରେ ପୂଜା କରିଥାନ୍ତି। ଭଗବାନଙ୍କ ନୃସିଂହ ଚତୁର୍ଦ୍ଦଶୀ ତଥା ବୈଶାଖୀ ମେଳା ଏଠାକାର ମୁଖ୍ୟପର୍ବ। ସେହିପରି ଅକ୍ଷୟ ତୃତୀୟାରୁ ଦଶମୀ ପର୍ଯ୍ୟନ୍ତ ପଖାଳ ଭୋଗ ଲାଗିହେବା ଏଠାରେ ଏକ ଭିନ୍ନ ପରମ୍ପରା ହୋଇଥିବା ବେଳେ ନୂଆଁଖାଇ ପାଳନ ମଧ୍ୟ ନୂଆ ଦିଗନ୍ତ ସୃଷ୍ଟି କରିଛି।

ନୂଆଁଖାଇ ଦିନ କେତେ ଭକ୍ତ ଏକତ୍ରିତ ହେବେ, ଏହି ପର୍ବ ପାଳନ ପୂର୍ବରୁ ଭଣ୍ଡାର ଘର ଦାୟିତ୍ୱରେ ରହିଥିବା ସତ୍ୟ ପୁରୋହିତ, କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମାର୍ଜାର କେଶରୀ ବିଚାରାଳୟର ବିଚାରପତି ସୁବୋଧ ପଣ୍ଡା ତଥା କମିଟି ଆଲୋଚନା କରିଥାନ୍ତି। ସେହି କ୍ରମରେ ରାଶନ ସାମଗ୍ରୀ ଅଣାଯାଇଥାଏ। ଅନେକ ବଦାନ୍ୟ ବ୍ୟକ୍ତି ମଧ୍ୟ ଅଡ଼ିଆ ଭାବେ ଡାଲି, ଚାଉଳ ଦାନ କରିଥାନ୍ତି। ସେହିପରି ପାଇକମାଳଠାରୁ ୧୦ କି.ମି ଦୂର ଝିଟିକି ଗ୍ରାମରୁ ନୂଆଁଖାଇ ପାଇଁ ସାଲିଆନା ଭୋଗ ଡାଲି, ଚାଉଳ, ମୁଗ, ଗୁଡ଼, ଘିଅ, ପନିପରିବା ଭାରରେ ବୋହି ମନ୍ଦିରକୁ ଅଣାଯାଇଥାଏ।

ନୂଆଁଖାଇ ପାଇଁ ସ୍ୱତନ୍ତ୍ର କୁରେ ପତ୍ର ବ୍ୟବହାର କରାଯାଏ। ଏହି ପତ୍ରରେ ଖଲି, ଦନା ପ୍ରସ୍ତୁତ କରାଯାଇଥାଏ। ନୂଆଁ ଅନ୍ନ ପ୍ରସାଦ ଭାବେ ପ୍ରସ୍ତୁତ ହେବା ପରେ ଲଗ୍ନ ଅନୁସାରେ ମନ୍ଦିର ପୂଜକ ମୁହଁରେ କପଡ଼ା ବାନ୍ଧି ୩ଟି କୁରେ ପତ୍ରରେ ଠାକୁରଙ୍କୁ ଭୋଗ ଲାଗି କରନ୍ତି। ଏହାପରେ ରୀତିନୀତି ଅନୁସାରେ ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ କରି ଗାଦି ପୂଜା ସହିତ ଭୋଗ ଲଗାଯାଏ। ସେହିପରି ଗୋପୂଜା କରି ଗୋମାତାଙ୍କୁ ଭୋଗ ଖାଇବାକୁ ଦିଆଯାଏ। ପୂଜାରେ ଅନ୍ନଭୋଗ ସହିତ କାକରା, ମାଲପୁଆ, ଆରିସା, ଖିରି, ସ୍ୱତନ୍ତ୍ର ସରସତିଆ ପିଠା ଠାକୁରଙ୍କୁ ଭୋଗ ଲାଗି କରାଯାଇଥାଏ। ଏହାସହିତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଫଳ ଏବଂ ସ୍ୱତନ୍ତ୍ର ଭାବେ ନାରଙ୍ଗୀ ଫଳ ଭୋଗ ଲାଗିଥାଏ। ସମସ୍ତ ପ୍ରକାର ଷୋଡ଼ଶ ପୂଜା ଆରାଧନା, ଆଳତୀ କରି ନିର୍ଦ୍ଦିଷ୍ଟ ସମୟରେ ନୂଆ ଅନ୍ନଭୋଗ ଭଗବାନ ଏବଂ ପାର୍ଶ୍ୱ ଦେବାଦେବୀଙ୍କୁ ଲାଗି ହେବା ପରେ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଏ।

### ନୃସିଂହନାଥରେ ନୂଆଁଖାଇ ଲଗ୍ନ

ପୁରୋହିତମାନେ ଏକାଠି ବସି ପାଞ୍ଜି ଗଣନା କରି ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରନ୍ତି। ଲଗ୍ନ ଧାର୍ଯ୍ୟ ହେବା ପରେ ମନ୍ଦିରର କୁଳ ପୁରୋହିତ ସେ ନେଇ ସମସ୍ତଙ୍କୁ ସୂଚନା ଦେଇଥାନ୍ତି। ଏହି କ୍ରମରେ ଚଳିତବର୍ଷ ଆସନ୍ତା ୨୦ତାରିଖ ବୁଧବାର ପୂର୍ବାହ୍ନ ୧୧ଟା ୨୧ମିନିଟ୍‌ରୁ ୧୧ଟା ୩୬ ମିନିଟ୍ ସମୟ ମଧ୍ୟରେ ଭଗବାନ ନୃସିଂହନାଥ ଏବଂ ପାର୍ଶ୍ୱ ଦେବାଦେବୀଙ୍କୁ ଧନୁ ଲଗ୍ନରେ ନୂଆଁ ଲାଗି ହେବ ବୋଲି ଧାର୍ଯ୍ୟ କରାଯାଇଛି।

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ(ବରଗଡ଼)**
**ସହଯୋଗ: ବଡ଼ ଶତପଥୀ(ପାଇକମାଳ)**



















## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବରଗଡ଼

ପଶ୍ଚିମ ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ଅଞ୍ଚଳର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛୁଁ।

| | |
|---|---|
| ସ୍ୱା./– | ସ୍ୱା./– |
| ଶ୍ରୀ ଦୁର୍ଗା ପ୍ରସାଦ ଛୁରିଆ | ଶ୍ରୀ ଲଲାଟ କୁମାର ଲୁହା |
| ସମ୍ପାଦକ | ଓ.ପ୍ର.ସେ. (S) |
| ନିୟନ୍ତ୍ରିତ ବଜାର କମିଟି | ଅତିରିକ୍ତ ଜିଲ୍ଲାପାଳ–ତଥା– ଅଧ୍ୟକ୍ଷ, |
| ବରଗଡ଼ | ନିୟନ୍ତ୍ରିତ ବଜାର କମିଟି |
| | ବରଗଡ଼ |

## ନୂଆଁଖାଇ ଉପଲକ୍ଷେ ଓଡ଼ିଶା ମିଲେଟ୍ସ ମିଶନ, ବରଗଡ଼ ତରଫରୁ ଶୁଭେଚ୍ଛା

### ପ୍ରଗତି ପଥେ ଓଡ଼ିଶା ମିଲେଟ୍ସ ମିଶନ, ବରଗଡ଼

- ୨୦୧୯ରେ ମାତ୍ର ୫ଟି ବ୍ଲକରେ ୮୦୦ ଚାଷୀ ୪୦୦ ହେକ୍ଟରରେ କ୍ଷୁଦ୍ର ଶସ୍ୟ ଚାଷ ହୋଇଥିବା ବେଳେ ଚଳିତବର୍ଷ ୧୦୦୦୦ରୁ ଅଧିକ ଚାଷୀ ଜଡିତ ହୋଇ ୫୭୩୬ ହେକ୍ଟରରେ କ୍ଷୁଦ୍ର ଶସ୍ୟ ଚାଷ ହୋଇପାରିଛି।
- ଏକ ହେକ୍ଟର ପିଛା ମାଣ୍ଡିଆ ଚାଷୀ (ଶ୍ରୀ ପଦ୍ଧତି) ଟ.୨୬୫୦୦ ରେ ୫ ବର୍ଷରେ ସରକାରୀ ପ୍ରୋତ୍ସାହନ ପାଇ ପାରୁଛନ୍ତି।
- ଚଳିତବର୍ଷ ମାଣ୍ଡିଆ କୁଇଣ୍ଟାଲ ପ୍ରତି ଟ.୩୮୪୬ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି।
- ୧୪ଟି ମିଲେଟ ଟିଫିନ ସେଣ୍ଟର ଓ ୨ଟି ମିଲେଟ ଅନ୍–ହୁଇଲ୍ ବରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି।
- ଚଳିତବର୍ଷ ମିଲେଟ୍ କାଫେ ବରଗଡ଼ ଗାନ୍ଧୀ ଛକଠାରେ ଶୁଭାରମ୍ଭ ହେବ।
- ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ରୂପେ ପାଳନ କରାଯାଉଛି।
- ମାଣ୍ଡିଆ ଖାଦ୍ୟର ରୁଚି ଲୋକଙ୍କ ମଧ୍ୟରେ ଆଣିବା ଓ ଖାଦ୍ୟ ଥାଳିକୁ ଫେରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।
- ବରଗଡ଼ ଜିଲ୍ଲାରେ ୮ଟି ବ୍ଲକ ଯଥା– ଅମ୍ବାଭନା, ଭଟଲି, ସୋହେଲା, ବିଜେପୁର, ପଦ୍ମପୁର, ପାଇକମାଳ, ଗାଇସିଲଟ ଓ ଝାରବନ୍ଧ କାର୍ଯ୍ୟକାରୀ କରୁଛି।
- ୬ଟି NGO ଓ ୭ଟି FPO ମିଲେଟ ମିଶନ ବରଗଡ ସହିତ ଜଡିତ ଅଛନ୍ତି।
- ଦୀର୍ଘ ୪ ବର୍ଷ ମୋଟ ୧୫୬୫୦ ଚାଷୀଙ୍କୁ ରବି ଓ ଖରିଫ ଋତୁ ପାଇଁ ମୋଟ ୪,୪୦,୮୦,୨୦୦/– DBT ମାଧ୍ୟମରେ ଦିଆଯାଇଛି।
- ବରଗଡ଼ ଜଳବାୟୁ କୋଦ ମିଲେଟ ଚାଷ ପାଇଁ ଅତି ଉପଯୁକ୍ତ।
- ବରଗଡ଼ ଚାଷୀ ଓ ସଚେତନ ଖାଉଟି କୋଦ ଚାଷ ଓ କୋଦଖାଦ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।






### ସରଗାଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଲୋଇସିଂହା,(ସୁଶାନ୍ତ ବାରିକ):** ବୁଧବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଏହାପୂର୍ବରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଯୁବ ପରିଷଦ ଆହ୍ୱାନ କ୍ରମେ ଗ୍ରାମର ବିଭିନ୍ନ ଅଞ୍ଚଳରେ ସଫେଇ କରାଯାଇଥିଲା । ଏଥିରେ ପରିଷଦ ସଭାପତି ରାଜ କିଶୋର ବାରିକ, ସମ୍ପାଦକ ନାରାୟଣ ବାରିକ, ବୀରେନ୍ଦ୍ର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ୩୩୦ଏସ୍‌ଏଚ୍‌ଜିଙ୍କୁ ୮କୋଟିର ଋଣ

**ପ୍ରାଣୀ ଚିକିତ୍ସାଳୟ କୋଠା ଉଦ୍‌ଘାଟିତ**

**ସଇଁତଲା, ୧୮।୯(ରାଖାଲ ପ୍ରସାଦ ଶତପଥୀ)** ବଲାଙ୍ଗୀର ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟରେ ସୋମବାର ପୂର୍ବାହ୍ନରେ ପ୍ରାଣୀ ଚିକିତ୍ସାଳୟର ନୂତନ ଅଫିସ ଗୃହ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସୁକୁରାମ ମୁଣ୍ଡାଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ରେଲଷ୍ଟେଶନ ନିକଟରେ ଥିବା ରାଜେନ୍ଦ୍ର ନାରାୟଣ ସିଂଦେଓ ଷ୍ଟାଡ଼ିୟମରେ ମନ୍ତ୍ରୀ ସାହୁ ୩୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୮କୋଟି ୧୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ । ଓମଫେଡ଼ରେ ୨୪୪ ଜଣ ଗୋଚାଷୀ ଗୁହାଳ ପାଇଁ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ଗାଈ ଗୁହାଳ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଚନ୍ଦ୍ରମଣୀ ନାଗ ପରିଚାଳନା କରିଥିଲେ। ତହସିଲଦାର ମନସଫିଲ କେରକେଟା, ଓମଫେଡ଼ ଜିଏମ ରଜନୀକାନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ବିବିନା ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ ।

### ମିଳିତ ଅଭିଯୋଗ ଶୁଣାଣିରେ ୯୨ଅଭିଯୋଗ

**ଖପ୍ରାଖୋଲ, ୧୮।୯(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ଲମ୍ବୋଦର ଧରୁଆ, ଏସ୍‌ପି ଋଷିକେଶ ଖିଲାରୀ ଶିବିରରେ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଅନେକ ମାମଲାର ତତ୍କାଳ ସମାଧାନ ହୋଇଥିଲା। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଏସିଏଫ ଘନଶ୍ୟାମ ମହନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଡିପିଓ ପ୍ରମୋଦ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, ଡେପୁଟି କଲେକ୍ଟର ଶୁଭ୍ରକାନ୍ତ ମିଶ୍ର, ହିତାଂଶୁ ଶେଖର ସାମଲ, ଜିଲା ମଙ୍ଗଳ ଅଧକାରୀ ଅଲେଖ ବିଶାଳ, ଏସ୍‌ଡିପିଓ ଜ୍ୟୋର୍ତିମୟ ଭୁକ୍ତା, ବିଡ଼ିଓ ବିଜୟ କୁମାର ହୋତା, ତହସିଲଦାର ଆଦିତ୍ୟ କୁମାର ମିଶ୍ର, ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ହରିଶଙ୍କର ରେଞ୍ଜ ଅଧିକାରୀ ସୁନିଲ ମିଶ୍ର, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ପାଟଣାଗଡ ଏଡିଓ ପ୍ରମୋଦ କୁମାର ସେଠୀ, ସ୍ନିଗ୍ଧାରାଣୀ ତ୍ରିପାଠୀଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ବିଧାନସଭାରେ ଉଠିବ

**ଲୋଇସିଂହା,୧୮।୯(ସୁଶାନ୍ତ ବାରିକ)** ୩ ଦଫା ଦାବି ନେଇ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଉଛି । ସୋମବାର ଧାରଣାର ଷଷ୍ଠ ଦିବସରେ ବିଧାୟକ ମୁକେଶ ମହାଲିଙ୍ଗ ଧାରଣାରେ ସାମିଲ ହୋଇ ଦାବି ନ୍ୟାର୍ଯ୍ୟ ବୋଲି କହିଥିଲେ । ଓଡ଼ିଶାକୁ ଛାଡି ଅନ୍ୟ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ୪୨ ଶହ ଗ୍ରେଡ ପେ ହାରରେ ଦରମା ପାଉଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ ହୋଇଥିବା ଘୋଷଣା କରିଥିଲେ । ହେଲେ ନିକଟରେ ରାଜ୍ୟ ସରକାର ୨୦ ହଜାର ପ୍ରାଥମିକ ଠିକା ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଦୋମୁହାଁନୀତିକୁ ବିଧାୟକ ମହାଲିଙ୍ଗ ସମାଲୋଚନା କରିଥିଲେ। ଆସନ୍ତା ବିଧାନସଭା ଅଧିବେଶନରେ ଭାଜପା ପକ୍ଷରୁ ଆଡଜର୍ନମେଣ୍ଟ ମୋଶନ ଆଣି ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ଉପରେ ଗୃହରେ ଉପସ୍ଥାପନା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପ୍ରାଥମିକ ଶିକ୍ଷକ ସଂଘ ସଭାପତି କରୁଣାକର ପଟେଲ, ସମ୍ପାଦକ ପର୍ଶୁରାମ ସୁନା ଏହି ଅବସରରେ ଉପସ୍ଥିତ ଥିଲେ।

# ଜେଲଗଲେ ପୂର୍ବତନ ପିଇଓ

- ତୁଟେଲେନପାଲି ପଞ୍ଚାୟତରେ ଆବାସ ପ୍ରଦାନରେ ଅନିୟମିତତା
- ପୂର୍ବରୁ ଗିରଫ ହୋଇଥିଲେ ଦୁଇ ନକଲି ହିତାଧିକାରୀ
- ତତ୍କାଳୀନ ଜିଆର୍‌ଏସ, ଜିଓଟେକ ଫେରାର ଥିବା ପୋଲିସ କହିଛି



ଗିରଫ ଲଳିତ ମେହେର।

**ଖପ୍ରାଖୋଲ, ୧୮।୯(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏ ନେଇ ବିଡ଼ିଓ ଖପ୍ରାଖୋଲ ଥାନାରେ ଅଭିଯୋଗ କରିବା ପରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଳିତ ମେହେରଙ୍କୁ ଖପ୍ରାଖୋଲ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

ସୂଚନା ଅନୁସାରେ ତେଲେନପାଲି ପଞ୍ଚାୟତ କର୍ଲାମାଲ ଗାଁରେ ୨୦୧୯-୨୦ ଆର୍ଥିକ ବର୍ଷରେ କୌଶଲ୍ୟା ଚିରାଗୁନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଞ୍ଜୁର ହୋଇଥିଲା। ହେଲେ ତାଙ୍କ କୋଡ ବ୍ୟବହାର କରି ଗାଁର ଟିକେଚନ ବାଗଙ୍କୁ ଚଞ୍ଚକତା କରି ଗୃହ ଦିଆଯାଇଥିବା ନେଇ କୌଶଲ୍ୟା ଅଭିଯୋଗ କରିଥିଲେ। ସେହିପରି ଯୁନାନିବାହାଲ ଗାଁରେ ମଧ ଭଏ ମୁଣ୍ଡାଙ୍କ ନାମରେ କେହି ନ ଥିବା ବେଳେ ତାର ନାମରେ ଅନଲାଇନରେ ଘର ଦିଆଯାଉଥିବା ଦର୍ଶାଯାଇଥିଲା। ତେବେ ସେହି କୋଡର ଘର ରୂପା ଧରୁଆଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅନିୟମିତତାରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଳିତ ମେହେର, ତତ୍କାଳୀନ ଜିଆର୍‌ଏସ ବିପିନ ବେହେରା, ଜିଓଟେକ ଗୋଲାପ ପୋଡ଼ ଦାୟୀ ବୋଲି ଜିଲା କର୍ତ୍ତୃପକ୍ଷ ଥାନାରେ ମାମଲା ରୁଜୁ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଖପ୍ରାଖୋଲ ଥାନାରେ ଗତ ତା୮।୯।୧୦୨୩ରିଖରେ ବିଭିନ୍ନ ଦଫାରେ ଏକ ମାମଲା (୧୫୯/୨୩)ରୁଜୁ ହୋଇଥିଲା। କିଛିଦିନ ତଳେ ଦୁଇ ନକଲି ହିତାଧିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ମେହେରଙ୍କୁ ବେଙ୍ଗାଲୁରରୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଏସଆଇ ଗୋପୀନାଥ ମହାକୁଡ ପ୍ରକାଶ କରିଛନ୍ତି। ତତ୍କାଳୀନ ଜିଆର୍‌ଏସ ବିପିନ ବେହେରା ଓ ଜିଓଟେକ ଗୋଲାପ ପୋଡ଼ ଫେରାରଥିବା ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହା ଜାନୁୟାରୀ ୧୯ତାରିଖରେ ଧରିତ୍ରୀରେ ଆବାସ ଗୃହ ବଣ୍ଟନରେ ଅନିୟମିତତା ସମ୍ପର୍କିତ ଖବର ପ୍ରକାଶ ପାଇଥିଲା।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ କବି ଡ.ଭବାନୀ ଶଙ୍କର ନିଆଲ

**ଭବାନୀପାଟଣା,୧୮।୯ (ଉତ୍ତମ କୁମାର ଦାଶ)** ଅର୍ନ୍ତଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଥିବା କଳାହାଣ୍ଡି ଜିଲା ଭବାନୀପାଟଣା ସହରର କବି ଡ. ଭବାନୀ ଶଙ୍କର ନିଆଲ ସୋମବାର ଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତିଙ୍କୁ ଡ.ନିଆଲ ତାଙ୍କ ପ୍ରକାଶିତ ମହୁରୀ ପତ୍ରିକା ପ୍ରଦାନ କରିଥିଲେ। ଯେଉଁଥିରେ ରାଷ୍ଟ୍ରପତିଙ୍କ ଉପରେ ଏକ କଭର ଷ୍ଟୋରୀ ପ୍ରସ୍ତୁତ କରାଯାଇଛି। ପ୍ରଫେସର ଆଇରେନ୍ ଡୋରା-କାଭାଡିଆ ଗ୍ରୀସର ପ୍ରଥମ କପି ବହି ଯାହାକି ଡ.ନିଆଲଙ୍କ କବିତାର ସମୀକ୍ଷା ଅଟେ। ଗତ ୧୦ବର୍ଷ ହେବ ଡ. ନିଆଲ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ସୋମବାର ସେହି ଦିନ ପୂରଣ ହୋଇଥିବାରୁ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କବି ଡ.ନିଆଲ ସାକ୍ଷାତ କରୁଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଲୋଇସିଂହା, ୧୮।୯(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ,ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଜନସ୍ୱାସ୍ଥ୍ୟ, ଯୋଗାଣ, ଅଗ୍ନିଶମ, ପୋଲିସ ବିଭାଗ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ । ବୈଠକ ପ୍ରାରମ୍ଭରେ ବିଡ଼ିଓ ଆକାଶ ରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଜରୁରୀକାଳୀନ ବିଭାଗ ଜିଲା ସଂଯୋଜକ ବିକାଶ ରଞ୍ଜନ କର ପ୍ରଶିକ୍ଷକଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ବିଭିନ୍ନ ଦିଗ ଏବଂ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ପ୍ରାକୃତିକ ବିପର୍ଯ୍ୟ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ବ୍ଲକର ଲୋଇସିଂହା, ବୁର୍ଡା, ହୀରାପୁର ଓ ଉପରବାହାଲ ପଞ୍ଚାୟତର ୯ ଖଣ୍ଡ ଗ୍ରାମକୁ ପ୍ରାଥମିକତା ଭାବେ ନିଆଯାଇଛି । ବ୍ଲକର ସମସ୍ତ ବିଭାଗର ସମନ୍ୱୟରେ ଖୁବଶୀଘ୍ର ଯୋଜନା ପ୍ରସ୍ତୁତ କରି ଜିଲା ଜରୁରୀକାଳୀନ ବିଭାଗକୁ ପଠାଇବାକୁ ସଂଯୋଜକ କର ବ୍ଲକସ୍ତରୀୟ ଅଧିକାରୀଙ୍କୁ କହିଥିଲେ । ବୈଠକରେ ସରପଞ୍ଚମାନେ ଉପସ୍ଥିତ ରହି ସ୍ୱମତ ରଖିଥିଲେ। ବର୍ଷା ବିପନ୍ନମାନେ ପଲିଥିନ ପାଉ ନ ଥିବାରୁ ଏବଂ ଜନପ୍ରତିନିଧିଙ୍କ ଫୋନକୁ ସ୍ଥାନୀୟ ତହସିଲଦାର ଗ୍ରହଣ କରୁ ନ ଥିବାରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ସରପଞ୍ଚମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜସ୍ୱ, କୃଷି, ଉଦ୍ୟାନ କୃଷି, ଜଳସେଚନ, ବିଦ୍ୟୁତ ବିଭାଗ ପ୍ରତିନିଧି ଅନୁପସ୍ଥିତ ଥିବା ଜଣାପଡିଥିଲା।

## ଜୁଆଖେଳ ଉପରେ ଚଢ଼ାଉ, ୧୧ଗିରଫ

**ଲାଠୋର, ୧୮।୯(ଭୁବନେଶ୍ୱର ବାରିକ)** ବଲାଙ୍ଗୀର ଜିଲା ଲାଠୋର ଥାନା ପୋଲିସ ରଜା କଟା ବନ୍ଧରେ ଚାଲିଥିବା ଜୁଆ ଖେଳ ଉପରେ ରବିବାର ବିଳମ୍ବିତ ରାତିରେ ଚଢାଉ କରି ୧୧ଜଣଙ୍କୁ ଗିରଫ କରିଛି। ରବିବାର ରାତିରେ ଲାଠୋର ଗ୍ରାମର ଅଲେଖ ଜୈନ, ଲୋକେଶ୍ୱର ଜୈନ, ନୂତନ ନାଗ, ଗୌର ମେହେର, ବନମାଳି ଶବର, ଈଶ୍ୱର ଶବର, ହରିକ୍ରିଷ୍ଣ ମେହେର, ସୁନିଲ ବରିହା, ଗୋପାଳ ମେହେର ଏବଂ ସିନ୍ଧେକେଲା ଥାନା ଶ୍ରୀରାମ ଗ୍ରାମର ନରସିଂଘ ବେହେରା ଓ ଡୁରେକେଲା ଥାନା ଖର୍ଲି ଗ୍ରାମର ଉଗ୍ରେସନ ବାଗ ରଜା କଟାଠାରେ ଜୁଆ ଖେଳୁଥିଲେ। କୌଣସି ସୂତ୍ରରୁ ଖବର ମିଳିବା ପରେ ଲାଠୋର ଥାନା ନାଇଟ ପେଟ୍ରୋଲିଙ୍ଗ କରୁଥିବା ଏସଆଇ ଦେବାର୍ଚ୍ଚନ ମିର୍ଦ୍ଧା ସଦଳବଳ ଚଢାଉ କରି ସମ୍ପୃକ୍ତ ୧୧ଜଣଙ୍କୁ ସେଠାରୁ ଗିରଫ କରିଥିଲେ। ସେମାନଙ୍କଠାରୁ ୧୬ ହଜାର ୫୪୦ ଟଙ୍କା, ୬ଟି ବାଇକ, ୫ଟି ମୋବାଇଲ ଫୋନ, ତାସ ପୁଡ଼ିଆ ଏବଂ ଗୋଟିଏ ଟର୍ଚ୍ଚ ଲାଇଟ ଜବଦ କରାଯାଇଛି। ଏ ନେଇ ଲାଠୋର ଥାନାରେ ଦଫା ୨୯୪, ୫୦୬, ୩୫୩, ୩୪ ଆଇପିସି ଆରଡ଼କୁ ସେକସନ ୩ ଓପିଜି ଆକ୍ଟରେ ଏକ ମାମଲା(୧୩୦/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରିଥିବା ଆଇଆଇସି ଝସକେତନ ଭୋଇ କହିଛନ୍ତି।

## ମୁରିବାହାଲ ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

**ମୁରିବାହାଲ, ୧୮।୯(ଶ୍ରୀବତ୍ସ ବେହେରା)** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତିର ତ୍ରୈମାସିକ ବୈଠକ ସୋମବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲ, ଏମ୍ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବ୍ଲକ ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ, ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ବାଙ୍କେଲ ସମିତି ସଭ୍ୟ ହଂସରାଜ ଜୈନ, ରାଜ୍ୟ ସଭା ସାଂସଦଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ତୁଫାନ ନାଗ, ଗୁନାମନୀ ମହାନନ୍ଦ,ସନ୍ୟାସୀ ପୁଟେଲ, ସରପଞ୍ଚ ବିଶବିହାରୀ ଯୋଶୀ, କାଳିଆ ସରାଫ, ଦମୟନ୍ତୀ ହାତୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ସମିତି ସଭ୍ୟ ମଧୁସୂଦନ ମହାନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଏକ ମିନିଟ ନୀରବ ପ୍ରାଥନା କରାଯାଇଥିଲା ।

ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ଥବିର ମେହେର ଉପସ୍ଥିତ ରହିସରକାରଙ୍କ ଇନ୍ଦ୍ରଧନୁଷ, ଆୟୁଷ୍ମ ଭାରତ ଓ ବିଭିନ୍ନ ସ୍ୱାସ୍ଥ୍ୟମେଳା ବିଷୟରେ ସଭାକୁ ଅବଗତ କରିଥିଲେ। ବର୍ତ୍ତମାନ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଦେଖା ଦେଇଥିବା ସ୍କ୍ରବ ଟାଇଫସ ରୋଗ ଉପରେ ସଚେତନତା ହେବା ଉପରେ କହିଥିଲେ । ସମ୍ମିଳିତ ଶିଶୁବିକାଶ ଯୋଜନା ଅଧିକାରୀ ସୁପ୍ରଭାତ ମହାପାତ୍ର କହିଥିଲେ ୨୧୩ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୪୮ଟି ର ନିଜସ୍ୱ ଗୃହ ନ ଥିବାରୁ କୁନିଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ। କୃଷିବିଭାଗ ଏଏଓ ଗୁଲସନ କୁମାର ମହନ୍ତ, ଅବିନାଶ ମହାପାତ୍ର ଆଧୁନିକ ପ୍ରଣାଳୀରେ ଚାଷ କରିବା ଉପରେ ଅବଗତ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଅଞ୍ଜନ କୁମାର ମଲ୍ଲିକ, ଉଦ୍ୟାନ ବିଭାଗର ପ୍ରଶାନ୍ତ କୁମାର ମେହେର, ବିଦ୍ୟୁତ୍ ବିଭାଗର ମହମ୍ମଦ ଜୁନେଟ ନିଜ ବିଭାଗ ବିଷୟ ଉପରେ ସୂଚନା ଦେଇଥିଲେ। ଉନ୍ନୟନ ବିଭାଗ ଆଲୋଚନାରେ ସରକାରଙ୍କ ତରଫରୁ ଆସିଥିବା ଏସଏଫସି ଓ ସିଏଫସି ଅନୁଦାନ ପ୍ରସ୍ତାବ ଦେବା ପାଇଁ ବ୍ଲକ ଅଧ୍ୟକ୍ଷ ମେହେର ସଭାକୁ ଅବଗତ କରିଥିଲେ।

## ଖଡ଼ିଆଳ ବ୍ଲକରେ ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମ

**ଖଡ଼ିଆଳ,୧୮।୯(ସୁଜିତ୍ କୁମାର ପ୍ରଧାନ)** ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଶାକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା ଲକ୍ଷ୍ୟ ରହିଛି। ଏହି କ୍ରମରେ ସୋମବାର ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଡ଼ିଓ ବୀରସେନ ବେହେରାଙ୍କ ନେତୃତ୍ୱରେ ଏଇ, ଜେଇ, ଏପିଓଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ବ୍ଲକ ପରିସରରେ ଥିବା ଡ୍ରେନ ସହ ଅନାବନା ବୁଦାଲତା ସଫା କରାଯାଇଥିଲା। ଏହା ଜାରି ରହିବ ଓ ବ୍ଲକର ସମସ୍ତ ଗାଁକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳାଯିବ ବୋଲି ବିଡ଼ିଓ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଗିରିଶ ପାତ୍ର, ଆକାଉଣ୍ଟ ଅଫିସର ରମାକାନ୍ତ ବେହେରା, ବିଏସଏସଓ କୁମାର ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ ସାହୁ, କନିଷ୍ଠ ଯନ୍ତ୍ରୀ ରମେଶ ଦୀପ, ସେକସନ ଅଫିସର ରାଧା ମୋହନ ଶବର, ସିନିୟର୍ ରେଭନ୍ୟୁ ଆସିଷ୍ଟାଣ୍ଟ ସରୋଜ ହୋତା, ଜୁନିଅର ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ମେହେର, ସ୍ୱେଚ୍ଛାସେବୀ ପୁତ୍ରମ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।




ଖଡ଼ିଆଳ ବ୍ଲକରେ ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

## ୬୦ ଗୋପାଳକଙ୍କୁ ଗାଈଗୁହାଳ କାର୍ଯ୍ୟାଦେଶ

**ଗୁଡ଼ଭେଲା,୧୮।୯ (ମନୋଜ କୁମାର ଜୈନ)** ବଲାଙ୍ଗୀର ଜିଲା ତୁଷୁରା ଏନଏସିର ୬୦ଜଣ ଗୋପାଳକଙ୍କୁ ସୋମବାର ଆଦର୍ଶ ଗାଈ ଗୁହାଳର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ତୁଷୁରା ସହରସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଗୁଡ଼ଭେଲା ବିଡ଼ିଓ ଗୁରେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟଶ୍ୱାଳ, ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହାପରେ ତୁଷୁରା ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସାହୁ ପ୍ରଚାର ପ୍ରସାର ଅଭାବରୁ କୃଷକମାନେ ଏହି କାର୍ଯ୍ୟାଳୟରୁ ବିଶେଷ ଲାଭବାନ ହୋଇ ପାରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା, ଏନଏସି ଅଧ୍ୟକ୍ଷ ଜୟଶ୍ୱାଳ, କାଉନସିଲର ମିତାଲି ସାହୁ ମଞ୍ଚାସୀନ ଥିଲେ। ଉଦ୍ୟାନ କୃଷି ଅଧିକାରୀ ଗତିକୃଷ୍ଣ ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହାପରେ ଉଦ୍ୟାନ କୃଷି କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ସାହୁ ବୃକ୍ଷରୋପଣ କରିଥିଲେ।



ମନ୍ତ୍ରୀ ଟୁକୁନୀ ସାହୁ ଆଦର୍ଶ ଗାଈ ଗୁହାଳ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

## ଡିଗ୍ରୀ କଲେଜରେ ରୂପାନ୍ତୀକରଣ କାର୍ଯ୍ୟର ଶୁଭାରମ୍ଭ

**ଦେଓଗାଁ,୧୮।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ ଓ ଶାଶ୍ୱତ ଡିଗ୍ରୀ କଲେଜରେ ୫ଟି ରୂପାନ୍ତୀକରଣ କାମର ଶୁଭାରମ୍ଭ ହୋଇଛି। ଯୁକ୍ତ୨ କଲେଜରେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତା ଓ ଶାଶ୍ୱତ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ସମ୍ମାନୀତ ଅତିଥିଭାବେ ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

### ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଲାଞ୍ଜିଗଡ଼,୧୮।୯(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଧର୍ମଁରାଭଟାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟ ଏବଂ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ଓଡିଶା ଆଦର୍ଶ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ ଅବସରରେ ଭବାନୀପାଟଣାଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ସେହି ପ୍ରତିଯୋଗିତାରେ ଲାଞ୍ଜିଗଡ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ର ସୋହନ ଡୁଲ ବିତର୍କ ପ୍ରତିଯୋଗିତାରେ ପ୍ରଥମ ଏବଂ ବାକପଟୁତାରେ ତୃତୀୟ ସ୍ଥାନ ଦଖଲ କରିଛନ୍ତି। ସେହିପରି ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଦଳ ସୁଶ୍ରୀ ସିଦ୍ଧି ଦାସ, ବିଜୟ ଲକ୍ଷ୍ମୀ ସାହୁ ଓ ସ୍ମୃତି ସୁଦ୍ଧା ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ସ୍କୁଲ ଏବଂ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ପିଲାଙ୍କ ଏହି ସଫଳତା ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ବିଦ୍ୟାଳୟ ଅଧ୍ୟକ୍ଷ ଖିରେଶ୍ୱର ପ୍ରଧାନ ତଥା ସ୍କୁଲ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମକର୍ତ୍ତା ଖୁସିବ୍ୟକ୍ତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ୨୪ରୁ ବଲାଙ୍ଗୀରରେ ଅଷ୍ଟମ ଲୋକକଳା ଉତ୍ସବ

### ପୋଷ୍ଟର ଉନ୍ମୋଚନ କଲେ ଅତିଥି

**ବଲାଙ୍ଗୀର, ୧୮।୯ (ବୀରେନ୍ଦ୍ର କୁମାର ଝାଙ୍କର)** ଆସନ୍ତା ୨୪ ତାରିଖରୁ ବଲାଙ୍ଗୀରରେ ଆରମ୍ଭ ହେବ ଅଷ୍ଟମ ଲୋକକଳା ଉତ୍ସବ। ଏହା ତିନିଦିନ ଧରି ଚାଲିବ। ୨୬ ତାରିଖରେ ଲୋକକଳା ଉତ୍ସବ ଉଦ୍‌ଯାପନୀ ସମାରୋହ ପାଳନ କରାଯିବ। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଦେଶର ବଛା ବଛା ଲୋକନୃତ୍ୟ ଓ ସଙ୍ଗୀତ ଦଳ ଅଂଶଗ୍ରହଣ କରିବେ। ସୋମବାର ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ଏବଂ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ଚଳିତ ଲୋକକଳା ଉତ୍ସବରେ କଳାକାର ସରୋଜ ମହାରଣାଙ୍କୁ ଅଷ୍ଟମ ଲୋକ କଳା ସମ୍ମାନ ପ୍ରଦାନ କରାଯିବ। ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ବରିଷ୍ଠ ସଂସ୍କୃତି ଗବେଷକ ନବୀନ କୁଅଁର ଓ ଆକଶବାଣୀ ଗୀତକାର ଓ ସିନେ ଅଭିନେତା ବ୍ରହ୍ମାନନ୍ଦ ବନଛୋରଙ୍କ ନିର୍ଦ୍ଦେଶନାରେ ପଶ୍ଚିମ ଓଡିଶାର ପ୍ରତିଷ୍ଠିତ ଲୋକଗୀତ କଳାକାରମାନଙ୍କୁ ନେଇ ତିନି ଦିନ ପ୍ରତ୍ୟହ ଲୋକ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଧୁନିକତାର ପ୍ରଭାବରେ ଲୋକଗୀତ ଓ ନୃତ୍ୟ ହଜିଯାଉଥିବା ବେଳେ ଏହାର ସଂରକ୍ଷଣ ଓ ସମ୍ବର୍ଦ୍ଧନ ପାଇଁ ଦୁଲଦୁଲି କଳା ପରିଷଦ ଆଗେଇ ଆସିଛି। ଗତ ୭ ବର୍ଷ ଧରି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଲୋକକଳା ଉତ୍ସବ ଆୟୋଜିତ ହୋଇଆସୁଛି ବୋଲି ସୂଚନା ଦିଆଯାଇଥିଲା। ଚଳିତବର୍ଷ ମଧ୍ୟ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆଦିବାସୀ ଲୋକନୃତ୍ୟ ଓ ଗୀତ ଦଳ ଏଥିରେ ଅଂଶଗ୍ରହଣ କରିବେ ବୋଲି ସୋମବାର ଅଷ୍ଟମ ଲୋକକଳା ଉତ୍ସବର ପୋଷ୍ଟର ଉନ୍ମୋଚନ ଓ ଖବରଦାତା ସମ୍ମିଳନୀରେ ସଭାପତି ପ୍ରଭାସ ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହି ସଭାରେ ଏନ୍‌ଏସ୍‌ଡିଏନ ସିନେ ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ, ସଙ୍ଗୀତ ସାଧକ, ନିର୍ଦ୍ଦେଶକ ଶଙ୍କର ପ୍ରସାଦ ପ୍ରଧାନ, ବରିଷ୍ଠ ସଂସ୍କୃତି ଗବେଷକ ନବୀନ କୁଅଁର ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ବାସୁଦେବ ସା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସନ୍ଦୀପ କୁମାର କୁଅଁର ସଭା ପରିଚାଳନା କରିଥିଲେ। ସମସ୍ତ ଅତିଥି ଓ କର୍ମକର୍ତ୍ତା ଅଷ୍ଟମ ଲୋକକଳା ଉତ୍ସବର ପୋଷ୍ଟର ଉନ୍ମୋଚନ କରିଥିଲେ।




ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅତିଥି ଓ କର୍ମକର୍ତ୍ତାମାନେ ଅଷ୍ଟମ ଲୋକକଳା ଉତ୍ସବର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପଦ୍ମପୁର,୧୮।୯ (ପ୍ରଦୀପ୍ତ ଦାଶ): ପଦ୍ମପୁରରୁ ଗାଇସିଲେଟ ଯିବା ରାସ୍ତାରେ ବୁଢ଼ାମାଳ ଛକଠାରେ ସୋମବାର ବାଇକ୍ ବୋଲେରୋ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ବୁଢ଼ାମାଳ ଗ୍ରାମର ଟଙ୍କଧର ରଣା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ମିଥୁନ ରଣା ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, କାମ ସାରି ଟଙ୍କଧର ଓ ମିଥୁନ ବାଇକ ଯୋଗ ପଦ୍ମପୁର ପଟରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁହେଁ ଛିଟିକି ପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ଟଙ୍କଧରଙ୍କ ମୃତ୍ୟୁ ଘଟିଥିଲା। ମିଥୁନ ଏବେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### କାଇଁଶିର, ବରପାଲି ବିଜୟୀ

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ କାଇଁଶିର ଏବଂ ବରପାଲି ଦଳ ପ୍ରତିପକ୍ଷକୁ ହରାଇ ବିଜୟୀ ହୋଇଛନ୍ତି। କାଇଁଶିର ଏବଂ ବାଲିକିରା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ସ୍କୋର କରି ବରାବର ସ୍ଥିତିରେ ରହିଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କାଇଁଶିର ଦଳ ୮-୭ ଗୋଲରେ ବିଜୟୀ ହୋଇଥିଲା। ଶ୍ରୀନିବାସ ରାଓ ମ୍ୟାଚ୍ ପରିଚାଳନା କରିଥିବାବେଳେ ଶୁଭମ ପାତ୍ର, ନାରାୟଣ ପଣ୍ଡା ଲାଇନରେ ସହଯୋଗ କରିଥିଲେ। ସ୍ୱର୍ଣ୍ଣଲତା ରାଉତ ଚତୁର୍ଥ ରେଫରି ଥିଲେ। ସେହିପରି ବରପାଲି ଏବଂ କୁଚିପାଲି ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବରପାଲି ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ବରପାଲି ଦଳ ପକ୍ଷରୁ ଅମିତ ବିଶି ଏବଂ ଅଂଶ ଛତ୍ରିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କୁଚିପାଲି ପକ୍ଷରୁ ସୁଶୀଲ ଦୀପ ଗୋଲ ସ୍କୋର କରିଥିଲେ। ପଞ୍ଚାନନ ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ବିଶିକେଶନ ପ୍ରଧାନ, ସନ୍ତୋଷ ପଟେଲ ଲାଇନରେ ସହଯୋଗ କରିଥିଲେ। ଉମାଶଙ୍କର ବଣିଆ ଚତୁର୍ଥ ରେଫରୀ ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଥିବାବେଳେ ପୂର୍ବତନ ଫୁଟବଲ ଖେଳାଳି ପ୍ରତାପ ଦାଶ, ଗୋପାଳ ନାୟକ, ଯଶୋବନ୍ତ ପ୍ରଧାନ, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ବିତରଣ କରିଥିଲେ।

### ମୋହନ ଚାନ୍ଦଙ୍କ ପରଲୋକ

ଅମରପାଲି,୧୮।୯(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁରସ୍ଥିତ ମାହେଶ୍ୱରୀ ମନ୍ଦିରର ପୂଜକ ମୋହନ ଚାନ୍ଦ(୮୮)ଙ୍କ ଲାତୁରପେଟସ୍ଥିତ ବାସଭବନରେ ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ



ରୋଗରେ ପୀଡିତ ଥିଲେ। ମୋହନ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାନପୁର ମାହେଶ୍ୱରୀ ମନ୍ଦିରର ପୂଜକ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ସେ ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଚାକିରୀ ଜୀବନ ଆରମ୍ଭ କରି ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ୩୦ ବର୍ଷରୁ ଉର୍ଦ୍ଧ୍ୱ ସରକାରୀ ଚାକିରି ସମୟ ଭିତରେ ସେ ବିଭିନ୍ନ ଅଧିକାରୀଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ । ବିଶେଷକରି ଆଜିର ଆଧୁନିକ ଯୁଗରେ ମଧ୍ୟ ସେ ମାଗଣାରେ ହାଡ଼ଫୁଟି ରୋଗର ଚିକିତ୍ସା କରୁଥିବା ବେଳେ ସମଗ୍ର ଜିଲାର ବହୁ ଲୋକ ଭଲ ହୋଇଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ୫ ପୁଅ, ବୋହୂ, ତିନି ଝିଅ ଓ ଜ୍ୱାଇଁଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ମୋହନଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବରଗଡ଼ରେ ରାଜ୍ୟସ୍ତରୀୟ ଡାକ୍ତରୀ ଟିମ୍

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସ୍କ୍ରବ ଟାଇଫସ୍ ମୃତକ ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଭିମସାର୍, ବୁର୍ଲାରୁ ଏକ ଡାକ୍ତରୀ ଟିମ୍ ଏହାର ଅନୁଧ୍ୟାନ କରି ଫେରିଥିବାବେଳେ ସୋମବାର ରାଜ୍ୟସ୍ତରୀୟ ଟିମ୍ ଏଠାରେ ପହଞ୍ଚିଥିଲେ। ଏହି ଟିମ୍ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଜିତେନ୍ଦ୍ର ମୋହନ ବେବର୍ତ୍ତାଙ୍କ ସହିତ ଜିଲାରେ ସ୍କ୍ରବ ଟାଇଫସ୍ ସ୍ଥିତି ଉପରେ ପଚାରି ବୁଝିଥିଲେ। ଜିଲାରେ ସ୍କ୍ରବ ଟାଇଫସ୍‌ରେ ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ହେଲେ ମୃତ୍ୟୁରେ ଅନ୍ୟ କିଛି କାରଣ ରହିଛି କି ନାହିଁ, ସେ ଦିଗରେ ଏହି ଟିମ୍ ଯାଞ୍ଚ କରୁଥିବା ସୂଚନା ମିଳିଛି। ଭୁବନେଶ୍ୱରରୁ ଆସିଥିବା ଟିମ୍‌ରେ ଡା. ଶୁଭାଶିଷ ମହାନ୍ତି, ଡା. ସୁସ୍ମିତା ନାୟକ ଏବଂ ଡା.



ସିଡିଏମଓଙ୍କ ସହିତ ରାଜ୍ୟସ୍ତରୀୟ ଡାକ୍ତରୀ ଟିମ୍ ଆଲୋଚନା କରୁଛନ୍ତି।

ସୁନୀତା ଜେନା ରହିଥିଲେ। ବରଗଡ଼ ଜିଲାରେ ଏପର୍ଯ୍ୟନ୍ତ ୪୮୨ଜଣଙ୍କ ସ୍କ୍ରବ୍ ଟାଇଫସ୍ ପରୀକ୍ଷା କରାଯାଇ ଥିବାବେଳେ ସେଥିମଧ୍ୟରୁ ୧୨ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ସିଡ଼ିଏମ୍‌ଓ ଡା. ବେବର୍ତ୍ତା ସୂଚନା ଦେଇଛନ୍ତି। ତେବେ ଏହି ରୋଗ ଆରୋଗ୍ୟସାଧ୍ୟ ଏବଂ ଏଥିରେ ଆତଙ୍କିତ ହେବାର କିଛି କାରଣ ନାହିଁ ବୋଲି ସେ କହିଛନ୍ତି।

# ଜନ ଜାଗରଣ ପାଇଁ ଓବିସି ମଞ୍ଚର ନିଷ୍ପତ୍ତି

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ଓବିସି ମଞ୍ଚ ସୁବର୍ଣ୍ଣପୁର ଜିଲା ଶାଖା ଆବାହକ ପ୍ରିୟବ୍ରତ ସାହୁଙ୍କ ସଭାପତିତ୍ୱରେ ସାଙ୍ଗଠନିକ ବୈଠକ ସୋନପୁରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର ଯୋଗଦେଇ ରାଜ୍ୟ ଜନସଂଖ୍ୟାରେ ଓବିସିଙ୍କ ସଂଖ୍ୟା ୫୨ ପ୍ରତିଶତ । ମାତ୍ର ରାଜ୍ୟରେ ପ୍ରତି କ୍ଷେତ୍ରରେ ଓବିସିଙ୍କୁ ଅବହେଳିତ କରି ରଖାଯାଇଛି । ସଂରକ୍ଷଣ ସମୟରେ ଏହି ବର୍ଗଙ୍କୁ ନଜର ଅନ୍ଦାଜ କରାଯାଇଛି । କର୍ମକ୍ଷେତ୍ରରେ ଓବିସି ଜାତି କୁଶଳୀ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି, କିନ୍ତୁ ଆର୍ଥିକ ମାନଦଣ୍ଡରେ ସୁଧାର ଆଣି ସମ୍ମାନର ସହ ବଞ୍ଚିବାକୁ କୌଣସି ପ୍ରୟାସ ହୋଇନାହିଁ। ଏଣୁ ସଚେତନ ହୋଇ ନିଜର ହକ୍ ଜାହିର ପାଇଁ ଏକଜୁଟ ହୋଇ ଆଗେଇ ଆସିବାକୁ ଉପସ୍ଥିତ ପ୍ରତିନିଧି ମଣ୍ଡଳୀଙ୍କୁ ପାତ୍ର ଆହ୍ୱାନ କରିଥିଲେ। ଶିକ୍ଷା, ନିଯୁକ୍ତି, ରାଜନୈତିକ ସଂରକ୍ଷଣ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟର ଅବହେଳାକୁ ପ୍ରତିହତ କରିବାକୁ ଓବିସି ବର୍ଗର ସମସ୍ତେ ଅଧିକରୁ ଅଧିକ ଏହି ମଞ୍ଚରେ ସାମିଲ ହୋଇ ଆଗକୁ ନିଜର ହକ ଜାହିର ପାଇଁ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ରାଜ୍ୟର ଓବିସି ବର୍ଗର ସମସ୍ତଙ୍କୁ ଏକଜୁଟ କରିବାକୁ ନୂଆଁଖାଇ ପରେ ଏକ ସଚେତନତା ରଥ ରାଜ୍ୟ ସାରା ପରିକ୍ରମା ସହ ପଦଯାତ୍ରା କରି ସମସ୍ତଙ୍କୁ ସଚେତନ କରାଇବା ପାଇଁ ମଞ୍ଚର ନିଷ୍ପତ୍ତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରା ଯାଇଥିଲା। ଏହି ବୈଠକରେ ସୁରେଶ ମହଲା, ଶିବରାମ ସାହୁ, ସୁରେଶ ପାତ୍ର, ପ୍ରଦ୍ୟୁମ୍ନ କୁମାର ସାହୁ, ଏସ. ମେହେର , ଦିଲିପ ପାତ୍ର, ଶଙ୍କର ବିଶି, ସାନନ୍ଦ ମେହେର, ସରୋଜ ପ୍ରଧାନ, ଅଶ୍ୱିନୀ ମହାକୁର, ରାମନାରାୟଣ ଭୋଇ, ଇଶର ଚନ୍ଦ୍ର ବିଶି, ଗୋପାଲ ସା, ପ୍ରକାଶ ମହାକୁଡ, କୃଷ୍ଣଚନ୍ଦ୍ର କମ୍ପ ଓ କର୍ଣ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ଓବିସି ମଞ୍ଚର କର୍ମକର୍ତ୍ତା।

# ସଂସ୍କାର ସ୍କୁଲରେ ନୂଆଁଖାଇ

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସୋମବାର ଅଗ୍ରୀମ ନୂଆଁଖାଇ ପାଳନ କରାଯାଇଛି। ଏହା ଏକ ଆବାସିକ ବିଦ୍ୟାଳୟ ହୋଇଥିବାÿ ଛାତ୍ରୀଛାତ୍ର ଘରକୁ ଯିବା ପୂର୍ବରୁ ସ୍କୁଲ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ସଂସ୍କାର ସାପ୍ଲିଙ୍ଗର ଡାଇରେକ୍ଟର ସିଦ୍ଧାର୍ଥ ସାଓଡ଼ିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ଚେୟାରମ୍ୟାନ, ଡାଇରେକ୍ଟର ଏବଂ ପ୍ରିନ୍ସପାଲ ନୂଆଁଖାଇ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।



ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ନୂଆଁଖାଇ ପାଳନ କରାଯାଉଛି ।

ଶିକ୍ଷୟିତ୍ରୀ ସିଦ୍ଧି ଶୁକ୍ଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ର ନୂଆଁଖାଇ ଉପରେ ନାଟକ ପରିବେଷଣ କରିଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀମାନେ ଆମର୍ ତିହାର୍ ନୂଆଁଖାଇ ନୃତ୍ୟ ପରିବେଷଣ କରିଥିଲେ।

### ଏକଦିବସୀୟ କ୍ରିକେଟ, ଭେଡ଼ଉଁରିଆ ବିଜୟୀ

ପଦ୍ମପୁର ୧୮।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ସାପଲହର ଖେଳ ପଡିଆଠାରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ଏକାଦଶ, ସରେଇକେଲା, ସାପଲହର, କେଛୋମାଲ, ପୁରେନା, ପଦ୍ମପୁର, ଭେଡ଼ଉଁରିଆ, ବରିକେଲ ଟିମ୍ ଅଂଶଗ୍ରହଣ କରିଥିଲେ। ଭେଡ଼ଉଁରିଆ ଓ ପଦ୍ମପୁର ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ଭେଡ଼ଉଁରିଆ ଦଳ ବିଜୟୀ ହୋଇଥିଲା। ନାରାୟଣ ବରିହା, ହେମନ୍ତ ନେଗୀ ଖେଳ ପରିଚାଳନା କରିଥିବା ବେଳେ ମିକୁ ସ୍କୋରିଂ କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଜିତେନ ବଡ଼େଇ, ସନାତନ ମେହେର, ମନୀଷ ସାହୁ, ସୁଶାନ୍ତ ମହାନନ୍ଦ, ମୋହନ ଭୋଇ, ସୁଜିତ ମାଝି ସହଯୋଗ କରିଥିଲେ। ଶେଷରେ ହେମନ୍ତ ନେଗୀ ଧନ୍ୟବାଦ ଦେଇଥିଲେ।

# ନଦୀରୁ କଟାହାତ ଜବତ

ଉଲୁଣ୍ଡା/ସୋନପୁର,୧୮।୯ (ଉରୁକ୍ରମ ପାଣ୍ଡିଆ/ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ରାଜନଗର ନିକଟ କୁକୁଡ଼ା ଧୋଡ ନଦୀ ଘାଟରୁ ଜଣେ ବ୍ୟକ୍ତିଙ୍କ କଟା ହାତ ଚମଡା ସ୍ଥାନୀୟ ପୋଲିସ ସୋମବାର ଜବତ କରିଛି । ପ୍ରକାଶ ଯେ, ନଦୀ ଘାଟ ନିକଟରେ ଏକ ମୃତଦେହ ଭାସୁଥିବା ପୋଲିସ ଖବର ପାଇଥିଲା । ଆଇଆଇସି ପଞ୍ଚାନନ ନାଏକ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚ ଥିଲେ। ମାତ୍ର ସେଠାରେ ଖୋଜାଖୋଜି କରିବା ପରେ ପୋଲିସ କଟାହାତର ଚମଡା ଏବଂ ମୁଣ୍ଡର ବାଳ ଜବତ କରିଛି । ହେଲେ ମୃତଦେହର କୌଣସି ସନ୍ଧାନ ମିଳିନାହିଁ । କୌଣସି ବ୍ୟକ୍ତିଙ୍କୁ ହତ୍ୟା କରଯାଇ ନଦୀରେ ଫିଙ୍ଗି ଦିଆଯାଇଥିବା ଓ ମୃତଦେହ ନଦୀରେ ଦୂରକୁ ଭାସି ଯାଇଥିବା ସନ୍ଦେହ କରାଯାଉଛି । ପୋଲିସ ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ବରେଇପାଲି ଥାନା ବେହେରାମୁଣ୍ଡା ଗ୍ରାମର କୃଷ୍ଣଚନ୍ଦ୍ର ଭୋଇ (୫୦) ଗତ ୧୪ ତାରିଖରୁ ନିଖୋଜ ଥିବା ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି । ସେ ଉଲୁଣ୍ଡା ଥାନା କୋଟପାଲି ନିକଟସ୍ଥ ତାଙ୍କର ଚାଷ ଜମିକୁ ଯାଇ ଆଉ ଘରକୁ ଫେରି ନାହାନ୍ତି ବୋଲି ପରିବାର ସୂତ୍ରରୁ ଜଣାଯାଇଛି । ଯେଉଁ ବ୍ୟକ୍ତିଙ୍କ କଟାହାତ ମିଳିଛି, ତାହା କୃଷ୍ଣଚନ୍ଦ୍ରଙ୍କର ବୋଲି ସନ୍ଦେହ କରାଯାଉଛି।

# ଚାଷ୍ ଦର୍ପନ୍' ପୁସ୍ତକ ଉନ୍ମୋଚିତ

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ବାଙ୍କବିଜାସ୍ଥିତ ଗୋପାଳ ରାଇସ ମିଲ ପରିସରରେ ବିଶ୍ୱକର୍ମା ପୂଜା ଅବସରରେ ଏକ ସାରସ୍ୱତ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ କବି ଆର୍ତ୍ତତ୍ରାଣ ବାବୁଙ୍କ ଲିଖିତ କୋସଲି କାବ୍ୟଗ୍ରନ୍ଥ 'ଚାଷ୍ ଦର୍ପନ୍' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଗୋରେଖ ନାଥ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବ୍ରଜ ମୋହନ ଦାନୀ, ମୁଖ୍ୟବକ୍ତା ଭାବେ ଡ. ଜ୍ୟୋତି ରଞ୍ଜନ ବହିଦାର, ସମ୍ମାନିତ ଅତିଥି ଭାବେ ଗବେଷକ ସୁଦାମ ନାଏକ, ଡ. ସନ୍ତୋଷ କୁମାର ପାଢ଼ୀ , ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ସାହୁ ସଂଯୋଜନା କରିଥିଲେ । । ଶିକ୍ଷାବିତ୍ ପ୍ରଦୀପ କୁମାର ପୁରୋହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଜୁଶ୍ରୀ ବାବୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ । କବି ଆର୍ତ୍ତତ୍ରାଣ ବାବୁ ପୁସ୍ତକର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପୁସ୍ତକ ଆଧୁନିକ କୃଷି ଉପରେ ଆଧାରିତ । ଜ୍ୟୋତି ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ନନ୍ଦକାହ୍ନ ପୁଝାରୀଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଆକର୍ଷଣ ଥିଲା ରସରାଜ ଅଚ୍ୟୁତ ପୁରୋହିତଙ୍କର ହସର ଫୁଆରା । ହରିହର ଶତପଥୀ, ବ୍ୟୋମକେଶ ଦାସ, ବାସୁଦେବ ମିଶ୍ର, ପଞ୍ଚାନନ ପୁରୋହିତ, ବିରେନ୍ଦ୍ର ପୁଝାରୀ, ତ୍ରିପୁରାରୀ ପଣ୍ଡା, ସୁରେଶ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଆଭାସ ରଞ୍ଜନ ବାବୁ, ଇଂ ଆଶିଷ ରଞ୍ଜନ ବାବୁ ସମସ୍ତ ମଞ୍ଚାସୀନ ଅତିଥି ଓ ୮ ଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆର୍ଯ୍ୟମାନ ବାବୁ ଓ ଆୟୁଷ୍ମାନ ବାବୁ ଓ ଆର୍ଚ୍ଚିଷ୍ମାନ ବାବୁ ସହଯୋଗ କରିଥିଲେ ।



ଅତିଥି ବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ସୁବର୍ଣ୍ଣପୁର ଭାଜପାର ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ତାଙ୍କ ନିରାମୟ ଜୀବନ କାମନା କରି ସୋନପୁର ଭଗବତୀ ମନ୍ଦିରରେ ଦୀପଦାନ କରାଯାଇଥିଲା ବେଳେ ସୋମବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ସଂଯୋଜକ ଆନନ୍ଦ ବାରିକ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, ସାନନ୍ଦ ମେହେର, ଜଗତ୍‌ଜ୍ୟୋତି ତ୍ରିପାଠୀ, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ସୁରୁବାବୁ ସାହୁ ଓ ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲଡ ବ୍ୟାଙ୍କର ଟେକ୍ନିସିଆନ ରକ୍ତ ସଂଗ୍ରହ କରିଥିଲେ ।

# କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ, ୬ ଗିରଫ




ଜବତ କାଠ ଓ ବନ କର୍ମଚାରୀ।

ପଦ୍ମପୁର,୧୮।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବନ ବିଭାଗ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଉକ୍ତ ଭ୍ୟାନ୍‌କୁ ଯାଞ୍ଚ ବେଳେ ଲକ୍ଷାଧିକ ଟଙ୍କାର ଖଇର, କେନ୍ଦୁ କାଠ, ପାୱାର କଟର ଏବଂ ବାଇକ (ନଂ.ସିଜି୧୧ଏଏ/୪୦୫୯)କୁ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୬ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ ମିର୍ଦ୍ଧା, ପ୍ରହଲ୍ଲାଦ ପୋଡ, ଅଶୋକ ବୁଡେକ, କିରତି ବୁଡେକ, ଦିନେଶ ନାଏକ, ପ୍ରମୋଦ ତରିଆ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଲୁହାଖାନ କୁଲିଆରି ରାସ୍ତାରେ ଉକ୍ତ ପିକ୍‌ଅପ୍ ଭ୍ୟାନ୍ (ନଂ. ସିଜି୧୦ସି/୨୭୦୩)କୁ ପିଛା କରି ଅଟକାଇ ଯାଞ୍ଚ କରିବାରୁ ଉକ୍ତ କାଠ ବାହାରିଥିଲା।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମୀନାଙ୍କ ସମେତ ଅନ୍ୟ ପଦସ୍ଥ ଅଧିକାରୀମାନେ ଯୋଗଦାନ କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳର ଲୋକେ ସମସ୍ୟା, ଅଭିଯୋଗ ନେଇ ଶିବିରକୁ ଆସିଥିଲେ। ଜିଲାପାଳ ବାନାର୍ଜୀ ଅଭିଯୋଗ ଶୁଣିବା ପରେ ସେ ଦିଗରେ ଦ୍ରୁତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଶିବିରରେ ଲୋକେ ଜିଲାପାଳଙ୍କଠାରେ ଅଭିଯୋଗ କରୁଛନ୍ତି ।

# ନୂଆଁଖାଇ ପୂର୍ବରୁ ଗାଁ ଦାଣ୍ଡ ସଫା କଲେ ସମଲେଶ୍ୱରୀ ଯୁବକ ସଂଘ

ଘଣ୍ଟାପଡା,୧୮।୯(ପ୍ରଭାତ କୁମାର ସାହୁ)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ପ୍ରତ୍ୟେକ ପରିବାର ଚଳଚଞ୍ଚଳ। ଧନୀ ହେଉ ଅବା ଗରିବ, ପକ୍କା ଘର ହେଉ ଅବା ଚାଳିଆ ଛପର ମାଟିଘର, ସମସ୍ତେ ଘର ଦ୍ୱାର ଲିପାପୋଛା ଓ ସଫାସୁତୁରାରେ ବ୍ୟସ୍ତ। ହେଲେ ଗାଁ ଦାଣ୍ଡ ସଫାସୁତୁରା ପ୍ରତି କାହାର ନଜର ନାହିଁ। କିନ୍ତୁ ଏହାକୁ ଗୁରୁତ୍ୱର ସହ ନେଇ ନୂଆଁଖାଇ ପର୍ବ ପୂର୍ବରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ା ଗ୍ରାମର ସମଲେଶ୍ୱରୀ ଯୁବକ ସଂଘ ଆଗକୁ ଆସି ଗାଁ ଦାଣ୍ଡ ସଫା କରିବାରେ ଲାଗି ପଡିଛନ୍ତି । ସଂଘର ସଭାପତି ଗିରିଧର ବେହୁରାଙ୍କ କହିବା ଅନୁଯାୟୀ, ସମସ୍ତେ ନିଜ ନିଜର ଘର ସଫା କରିବାରେ ବ୍ୟସ୍ତ, ହେଲେ ଗାଁ ପରିବେଶ କଥା କେହି ବୁଝନ୍ତି





ଯୁବକ ସଂଘର ସଦସ୍ୟମାନେ ଗାଁ ଦାଣ୍ଡ ସଫା କରିବାରେ ଲାଗି ପଡିଛନ୍ତି।

ନାହିଁ । ଏହାକୁ ଉପଲବ୍ଧି କରି ଆମ୍ଭେ ପ୍ରତିବର୍ଷ ଗାଁର ନଳକୂପ ପରିସର, ମନ୍ଦିର, ରାସ୍ତାକଡ଼, ବିଭିନ୍ନ ଅନୁଷ୍ଠାନ ପରିସର ସଫା କରି ଆସୁଛୁ । ଏବର୍ଷ ମଧ୍ୟ ସଫା କରୁଛୁ। ଯୁବକ ସଂଘର ଏପରି ମହତ୍ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

## ସଂକ୍ଷେପରେ

### ହୃଦ୍‌ଘାତରେ ସିଆଇଏସ୍ଏଫ୍ ଯବାନ ମୃତ

ରାଉରକେଲା,୧୮।୯(ଦିନେଶ ମିଶ୍ର): ଇଏସ୍‌ପି ଏନ୍‌ଏସ୍‌ପିସିଏଲ ଗେଟ୍ ସମ୍ମୁଖରେ କାର୍ଯ୍ୟରତ ଜଣେ ସିଆଇଏସ୍ଏଫ ଯବାନଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ସର୍ବଦେବ ଯାଦବ ସିଂ(୫୪)। ରବିବାର ଅପରାହ୍ନ ସାଢେ ୪ଟାରେ ସର୍ବଦେବ ଡ୍ୟୁଟି କରୁଥିବାବେଳେ ତଳେ ପଡି ଯାଇଥିଲେ। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଯୁବକଙ୍କୁ ଆକ୍ରମଣ, ୩ ଗିରଫ

ରାଉରକେଲା,୧୮।୯(ଦିନେଶ ମିଶ୍ର): ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସେକ୍ଟର-୭ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଭିରାମବସ୍ତିର ଶୁକଦେବ ବଡାଇକ, ଛୋଟୁ ଓରଫ ରାକେଶ ବଡାଇକ ଏବଂ ଶିବୁ ବଡାଇକ। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସେକ୍ଟର-୭ ଅଭିରାମବସ୍ତି ବଙ୍ଗାଳିପଡାର ପଙ୍କୁ ନାୟକ ରବିବାର ଅପରାହ୍ନ ୫ଟାରେ ପଙ୍କୁ ରାଉରକେଲାରୁ ଘରକୁ ଫେରୁଥିଲେ ବେଳେ ଅଭିଯୁକ୍ତମାନେ ଭଞ୍ଜ ଭବନ ରାସ୍ତାରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏହାକୁ ପଙ୍କୁ ବିରୋଧ କରିବାରୁ ତାଙ୍କୁ ସେମାନେ ନିର୍ଦ୍ଦୟ ମାଡ ମାରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୩।୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

### ଡମ୍ଫର ଧକ୍କାରେ ଗୁରୁତର ଯୁବକ ମୃତ

ରାଉରକେଲା,୧୮।୯(ଦିନେଶ ମିଶ୍ର): ଡମ୍ଫର ଧକ୍କାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହଜାରୁ ଜିତ(୫୩)। ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୯।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୋନପୁର ବରପାଲି ଅଞ୍ଚଳର ହଜାରୁ ଗତ ଅଗଷ୍ଟ ୧୯ ତାରିଖରେ ସୋନପୁରରୁ ବରପାଲିକୁ ବାଇକ ଯୋଗେ ଯାଉଥିବାବେଳେ ଏକ ଡମ୍ଫର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବରପାଲି ସରକାରୀ ଡାକ୍ତରଖାନା ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ମୃତ୍ୟୁବରଣ କରିଥିଲେ।

### ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଫେରାର

**ଥାନାରେ ଅଭିଯୋଗ**

ବଡ଼ଗାଁ,୧୮।୯(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ରୁନଗା ଅଞ୍ଚଳର ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେଲାପରେ ଯୁବକ ଫେରାର ହୋଇଯାଇଛନ୍ତି। ଏନେଇ ପୀଡ଼ିତା ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ ନମ୍ବର ୧୭୧,ଦଫା ୩୭୬/ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛି। ଘଟଣା ଅନୁଯାୟୀ, ଗତ ଫେବୃଆରୀରେ ପୀଡ଼ିତା ତାଙ୍କ ମାମୁଁ ଘରକୁ ଯାଇଥିଲାବେଳେ ସେଠାରେ ସ୍ଥାନୀୟ ଜଣେ ଯୁବକ ତାଙ୍କ ମୋବାଇଲ ନମ୍ବର ମାଗି ନେଇଥିଲେ। କିଛି ଦିନ ପରେ ତାଙ୍କୁ ଫୋନ କରି ସଂପୃକ୍ତ ଯୁବକ ଘରକୁ ଡାକିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ୭ମାସର ଗର୍ଭବତୀ ହୋଇଥିଲେ। ନାବାଳିକା ଫୋନରେ ସମସ୍ତ ଘଟଣା ଜଣାଇ ଶୀଘ୍ର ବାହା ହେବାକୁ କହିଥିଲେ। ହେଲେ ଏହା ପରଠାରୁ ସମ୍ପୃକ୍ତ ଯୁବକ ଆଉ ଫୋନ ରିସିଭ କରି ନ ଥିଲେ। ଗତମାସରେ ପୀଡିତା ଓ ତାଙ୍କ ମା' ଯୁବକଙ୍କ ଘରୁ ଯାଇଥିବା ବେଳେ ସେ ଫେରାର ହୋଇଯାଇଥିଲେ। ବିବାହାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଜଣାପଡ଼ିବା ପରେ ପୀଡିତା ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଅବ୍ୟବସ୍ଥାରେ ଟେଷ୍ଟିଂ ଲାବରେଟୋରି

ରାଉରକେଲା,୧୮।୯(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା-୪ ସ୍ଥିତ ଟେଷ୍ଟିଂ ଲାବ୍ରୋଟୋରି ।

ରାଉରକେଲା-୪ ଶିଳ୍ପାଞ୍ଚଳରେ ବହୁମୁଖୀ ଉଦ୍ୟୋଗ ଶିଳ୍ପ ଏବଂ ଉନ୍ନୟନମୂଳକ କ୍ଷେତ୍ରରେ ବ୍ୟବହାର ହେଉଥିବା ନିର୍ମାଣ ସାମଗ୍ରୀ ପରୀକ୍ଷାଗାର (ଟେଷ୍ଟିଂ ଲାବ୍ରୋଟୋରି) ରହିଛି। ମାତ୍ର ଅସଜଡା ଭିତ୍ତିଭୂମି ଯୋଗୁ ଉକ୍ତ ପରୀକ୍ଷାଗାର ନାହିଁ ନାହିଁରେ ଚାଲିଛି। ଏହି ପରୀକ୍ଷାଗାରରେ କର୍ମଚାରୀ ଅଭାବ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ନିର୍ମାଣ ସାମଗ୍ରୀଗୁଡିକର ଠିକ୍ ଭାବେ ପରୀକ୍ଷଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟ ପୂର୍ବରୁ ସାମଗ୍ରୀ ଲାବ୍ରୋଟୋରିରେ ପରୀକ୍ଷା କରିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। ସହରାଞ୍ଚଳ ଶିଳ୍ପୋଦ୍ୟୋଗ ସହ ସରକାରୀ ସିଭିଲ କାମରେ ନିର୍ମାଣ ସାମଗ୍ରୀ ଯଥା ମାଟି, ବାଲି, ଗେଟି, ପଥର, ସିମେଣ୍ଟ ଓ ଲୁହା ଆଦିର ଗୁଣବତ୍ତା ଠିକ୍ ଅଛି କି ନାହିଁ ତାର ପରୀକ୍ଷଣ ଲାବ୍ରୋଟୋରିରେ କରାଯାଇଥାଏ। ଲାବ୍ରୋଟୋରୀ ରିପୋର୍ଟରେ ଗୁଣବତ୍ତା ମାନ ନିକୃଷ୍ଟ ଆସିଲେ ନିର୍ମାଣ କାର୍ଯ୍ୟରୁ ଉକ୍ତ ସାମଗ୍ରୀକୁ ହଟାଯାଇ ଲାବ୍ରୋଟୋରି ଦ୍ୱାରା ପରୀକ୍ଷିତ ଉତ୍କୃଷ୍ଟ ନିର୍ମାଣ ସାମଗ୍ରୀ କାମରେ ଲଗାଯାଏ। ରାଜ୍ୟରେ ଏଭଳି ୬ଟି ଟେଷ୍ଟିଂ ଲାବ୍ରୋଟୋରି ରହିଥିବାବେଳେ ତନ୍ମଧ୍ୟରୁ ଭୁବନେଶ୍ୱର, ରାଉରକେଲା ଏବଂ ବଲାଙ୍ଗୀର ହେଉଛି ବୃହତ୍ ଲାବ୍ରୋଟୋରି । ରାଉରକେଲା ଟେଷ୍ଟିଂ ଲାବ୍ରୋଟୋରିରେ ନାନା ଅବ୍ୟବସ୍ଥା ଯୋଗୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀ ପରୀକ୍ଷା ଏକରକମ ଠପ୍ ହୋଇଯାଇଛି। ଏଥିଯୋଗୁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ପ୍ରକାଶଥାଉକି ରାଉରକେଲା ଟେଷ୍ଟିଂ ଲାବ୍ରୋଟୋରିରେ ୫୧ଜଣ ଗ୍ରୁପ୍ ବି, ଗ୍ରୁପ୍ ସି ଏବଂ ଗ୍ରୁପ୍ ଡି ଅଧିକାରୀ ଓ କର୍ମଚାରୀ ରହିବା ଆବଶ୍ୟକ। ମାତ୍ର ଏଠାରେ ନିର୍ମାଣ ସାମଗ୍ରୀ ଗୁଣବତ୍ତା ମାନ ପରୀକ୍ଷଣ ପାଇଁ ମାତ୍ର ୧୦ଜଣ ରହିଛନ୍ତି। ଏହାସହ କେନ୍ଦ୍ରରେ ଦୀର୍ଘବର୍ଷ ହେଲା ଜାପାନ କମ୍ପାନୀର ଏକ ମେଶିନ ଅଚଳ ହୋଇଯାଇଥିବା ବେଳେ ତାର ପାର୍ଟସ ନ ମିଳିବାରୁ କିଛିଦିନ ହେଲା ନୂତନ ମେଶିନ ଆସିଛି। ଏଥିସହ ଦୀର୍ଘବର୍ଷରୁ କେନ୍ଦ୍ରରେ ସିଟିଏମ ଏବଂ ହାର୍ଡନେସ ଟେଷ୍ଟେଡ ମେଶିନ ନାହିଁ। ରାଉରକେଲା-୪ ଶିଳ୍ପାଞ୍ଚଳରେ ପରୀକ୍ଷା କେନ୍ଦ୍ର ରହିଥିବା ବେଳେ କେନ୍ଦ୍ର ଫାଟକ ଫଳକକୁ ଭାଙ୍ଗି ଚୋରି ହୋଇଛି। ସେହିପରି କେନ୍ଦ୍ର ବାହ୍ୟପାର୍ଶ୍ୱରେ ଦୀର୍ଘବର୍ଷ ହେଲା ଆଲୋକ ବ୍ୟବସ୍ଥା ହୋଇପାରିନାହିଁ। ଫଳରେ ସନ୍ଧ୍ୟା ହେଲେ କେନ୍ଦ୍ର ପରିସର ଅସାମାଜିକ ତତ୍ତ୍ୱମାନଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହିତ କେନ୍ଦ୍ର ଭିତରୁ ବାରମ୍ବାର ବିଭିନ୍ନ ସାମଗ୍ରୀ ଚୋରି ହେଉଥିବା ବିଭାଗ ପକ୍ଷରୁ ରଘୁନାଥପାଲ୍ଲୀ ଥାନାରେ ଏତଲା ଦିଆଯାଇଛି। ଏ ନେଇ ରାଉରକେଲା ଟେଷ୍ଟିଂ ଲାବ୍ରୋଟୋରି କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ଚାଲିଛି। ବିଭାଗ ଯେଉଁଳି ଘରୋଇକରଣ ନ ହୁଏ ଏବଂ ସମସ୍ତ ପଦବୀ ପୂରଣ ହୋଇ ଲାବ୍ରୋଟୋରି ମାଧ୍ୟମରେ ହେବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଥିଲେ।

# ୪୦ ମଣ୍ଡପରେ ପୂଜା ପାଇବେ ଗଜାନନ

**ରାଉରକେଲା**

ରାଉରକେଲା,୧୮।୯(ଦିନେଶ ମିଶ୍ର)

ଆଜି ଗଣେଶ ପୂଜା। ଏଥିପାଇଁ ଷ୍ଟିଲସିଟି ରାଉରକେଲାରେ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ଗଣେଶ ପୂଜା ପାଳନକୁ ନେଇ ସହର ଉତ୍ସବମୁଖର ହୋଇ ଉଠିଛି। ଏଥର ସେକ୍ଟର-୮, ପୁରୁଣା ଷ୍ଟେଶନ ରୋଡ୍‌ର, ଫର୍ଟିଲାଇଜର, ଦେଓଗାଁ, ବେଦବ୍ୟାସ ରୋଡ, ପାନପୋଷ, ରେଲୱେ କଲୋନୀ ଭଳି ୪୦ଟି ମଣ୍ଡପରେ ଶ୍ରୀଗଜାନନଙ୍କ ପୂଜା ଧୂମଧାମରେ ପାଳନ କରାଯିବ। ବିଭିନ୍ନ ପୂଜା କମିଟି ପକ୍ଷରୁ ଉଚ୍ଚ ତୋରଣ ନିର୍ମାଣ କରାଯିବା ସାଙ୍ଗକୁ ମୀନାବଜାର ବସିଥିବା ଦେଖିବାକୁ ମିଳିଛି। ସହରରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ଆଖି ଝଲସା ତୋରଣ ନିର୍ମାଣ କରାଯାଇଛି। ଛେଣ୍ଡ କଲୋନୀର ବ୍ରାଇଟ ଲାଇନ ୱେଲଫେୟାର କମିଟି ପକ୍ଷରୁ ୧୮ଫୁଟ୍ ବିଶିଷ୍ଟ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ବାସନ୍ତୀ କଲୋନୀ ହେଲ୍ପଏଜ୍ କ୍ଲବ ପକ୍ଷରୁ ଭିଏତନାମ ପ୍ରିନ୍ସଙ୍କ ଭବ୍ୟ ପ୍ୟାଲେସ ନିର୍ମାଣ କରାଯାଇଛି। ସେହିପରି ବାସନ୍ତୀ କଲୋନୀ ଦୁର୍ଗାପୁର ପାହାଡ ନିକଟ ପୂଜା ୪୧ ବର୍ଷରେ ପଦାର୍ପଣ କରିଛି। ଏଠାରେ ବାସନ୍ତୀ ୟୁଥ୍ କ୍ଲବ ପକ୍ଷରୁ ଉତ୍ତରାଖଣ୍ଡର ଜଗନ୍ନାଥ ମନ୍ଦିର ତୋରଣ ଶୋଭା ପାଇଛି। ପାୱାରହାଉସ୍ ରୋଡ ସ୍ଥିତ ପାର୍କିଂସ୍ଥଳରେ ବାଳ ଗଣେଶ କ୍ଲବ ପକ୍ଷରୁ ନୂଆ ଲୋକସଭାକୁ ତୋରଣ ଆକାରରେ ନିର୍ମାଣ କରାଯାଇଛି। ଏହି ପୂଜାକୁ ୯ ବର୍ଷ ଚାଲିଥିବାବେଳେ ପୂଜା ମଣ୍ଡପରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ଖିରି, ଚୂଡାଘସା ଭଳି ବିଭିନ୍ନ କିସମର ପ୍ରସାଦ ବିତରଣ କରାଯିବା ବ୍ୟବସ୍ଥା କରାଯାଇଛି। ସିଭିଲଟାଉନଶିପ୍ ସ୍ଥିତ ଲାଇଫଲାଇନ ନିକଟରେ ଥିବା ମଣ୍ଡପରେ ଗୋଲଡେନ୍ ଗଣେଶ ମୂର୍ତ୍ତି ସହ ପ୍ରାକୃତିକ ପରିବେଶରେ ପେଣ୍ଡାଲକୁ ସାଜସଜ୍ଜା କରାଯାଇଛି। ବନ୍ଧମୁଣ୍ଡା ଗଣେଶ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର କଲିକତା ସିଆଲଦା ଲାଇଟ୍ ଆଣ୍ଡ ସାଉଣ୍ଡ ପକ୍ଷରୁ ଡାଇନୋସର ଓ ବନ୍ଦେ ଭାରତ ଟ୍ରେନ୍‌ର ପ୍ରଦର୍ଶନୀ କରାଯାଉଛି। ଅନ୍ୟପକ୍ଷେ ସହରରେ ଗଣେଶ ପୂଜା ପାଳନକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମଣ୍ଡପରେ ପୋଲିସ ମୁତୟନ ସାଙ୍ଗକୁ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରତ୍ୟେକ ମଣ୍ଡପରେ ଭଜନ ବ୍ୟତୀତ ଅନ୍ୟ ସଙ୍ଗୀତ ନ ବଜାଇବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ପୂଜା ମଣ୍ଡପ ନିକଟରେ ପାର୍କିଂ ବ୍ୟବସ୍ଥା ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ବିଭିନ୍ନ କମିଟିକୁ ଅନୁମତି ଦିଆଯାଇଛି।

# ଫୁଟ୍‌ବଲ : ପଟେଲ ବ୍ରଦର୍ସ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା,୧୮।୯(ଦିନେଶ ମିଶ୍ର)

ସେକ୍ଟର-୧ସ୍ଥିତ ଦୁର୍ଗାପୂଜା ପଡିଆରେ ଦଶମ ନକ୍‌ଆଉଟ ଏସ୍‌ଟିଏସ୍‌ସି ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ରାଉରକେଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସେକ୍ଟର-୧୩ ପଟେଲ ବ୍ରଦର୍ସ ଦଳ ସହିତ ସେକ୍ଟର-୨ ଖରିଆବାହାଲ ଫୁଟବଲ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଟେଲ ବ୍ରଦର୍ସ ଦଳ ୨-୦ ଗୋଲରେ ଖରିଆବାହାଲ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ସମାଜସେବୀ ଅଶୋକ କାଣ୍ଡୁଲାନା ଓ ସମୀର କାଣ୍ଡୁଲାନା ଚାମ୍ପିୟନ ଦଳ ପଟେଲ ବ୍ରଦର୍ସଙ୍କୁ ୨୦ ହଜାର ଓ ରନର୍ସ ଖରିଆବାହାଲ ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ଖରିଆବାହାଲ ଦଳର କରନ କୁଜୁରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍‌କୁ ଭାନୁ ବାଉରୀ, ଥବୁର ଗରୁଡ, ସୁଶାନ୍ତ ଧରତି ଓ ଶ୍ୟାମୁ ହାସଁଦା ପରିଚାଳନା କରିଥିଲେ। ରୋହିତ ପ୍ରଧାନ, ଖୋଲେନ ଓରାମ, ଟିମା ବଡ଼ାଇକ, ଲକ୍ଷ୍ମଣ ବଡାଇକ, ଇନ୍ଦ୍ର ପ୍ରଧାନ, କ୍ରିଷ୍ଟା କିସ୍‌କୁ, ଦୁର୍ଗା ସିଂ ଏବଂ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ରାଜୀବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବଣାଇଁ, ୧୮।୯(ପ୍ରଦୀପ ତ୍ରିପାଠୀ): ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର କେନାଭେଟା ଗ୍ରାମ ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ବାସୁଡିହି ଗ୍ରାମର ଜନ ପ୍ରକାଶ ଟେଟେ (୪୦)। ବଣାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ପଠାଯାଇଛି। ସୂଚନାଯୋଗ୍ୟ, ଟେଟେଙ୍କ ସ୍ତ୍ରୀ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାରୁ ସେ ଓ ତାଙ୍କ ୩ ବର୍ଷର ଶିଶୁ ବାଇକ୍ ଯୋଗ ଯାଉଥିଲେ। କେନାଭେଟା ଗ୍ରାମ ନିକଟରେ ଅପରପକ୍ଷରୁ ଆସୁଥିବା ଏକ ଟ୍ରକ୍ ଓଡି ୧୪ଏସି ୬୬୪୯ ନମ୍ବର ସହିତ ତାଙ୍କର ଧକ୍କା ହୋଇଥିଲା। ବାଇକ୍ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଚାଳକ ଗୁରୁତର ହୋଇଥିଲେ। ହେଲେ ତାଙ୍କ ଶିଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କ ଦେହରେ ସାମାନ୍ୟ ଆଘାତ ନ ହେବା ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଛି।

### ମନ୍ଦିରରୁ ଚୋରି, ୨ ଗିରଫ

ରାଉରକେଲା,୧୮।୯(ଦିନେଶ ମିଶ୍ର)

ସେକ୍ଟର-୨୧ସ୍ଥିତ ଠାକୁର ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ମନ୍ଦିରରୁ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତମବସ୍ତିର କୁଶଲ ତିରିଆ(୨୧) ଓ ଡେମ୍ପୁ ମୁଣ୍ଡା(୨୦)। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଅନୁକୂଳଚନ୍ଦ୍ରଙ୍କ ମନ୍ଦିରରୁ ଏକ ଇନ୍‌ଭର୍ଟର ଓ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୩୩୩।୨୩) ରୁଜୁ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ରାଜ୍ୟସ୍ତରୀୟ ଭଲିବଲ, ରାଉରକେଲା ଉପବିଜେତା

ରାଉରକେଲା,୧୮।୯(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ରେମୁଣା ଭିମପୁରା ସ୍ଥିତ ଜିଲା କ୍ରୀଡ଼ା ଛାତ୍ରବାସସ୍ଥିତ ଷ୍ଟାଡିୟମରେ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା ଭଲିଭଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ରାଉରକେଲା ବିଶ୍ରା ବାଳିକା ଉଚ୍ଚବିଦ୍ୟାଳୟର ୭ଜଣ ଓ ସେକ୍ଟର-୧୯ ଇସ୍ପାତ ବିଦ୍ୟା ମନ୍ଦିରର ୨ଜଣ ଭଲିଭଲ ଖେଳାଳି ଭାଗ ନେଇଥିଲେ। ଫାଇନାଲ ମୁକାବିଲା ରାଉରକେଲା ଏବଂ କେନ୍ଦ୍ରାପଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ମହିଳା ଭଲିବଲ ଦଳ କେନ୍ଦ୍ରାପଡା ଦଳ ପାଖରୁ ପରାଜିତ ହୋଇ ଉପବିଜେତା ହୋଇଥିଲା। ରାଉରକେଲା ଦଳର ପ୍ରଶିକ୍ଷକ ପାରବିନ ଏକ୍କା ରହିଥିଲେ। କଳ୍ପନା ମାହାନ୍ତ, ଶିବ ସିଂ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଦଳର ବରିଷ୍ଠ ଅଫିସିଆଲ ଭାବେ କ୍ରୀଡା ଶିକ୍ଷକ ଅଜୟ ରାଉତ ଥିଲେ। ରାଉରକେଲା ଉପବିଜେତା ଦଳ ଚନ୍ଦ୍ରଶେଖର କ୍ରୀଡା ସଂଗଠନ ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଓ ପ୍ରତିଷ୍ଠାତା ଆନ୍ନା ଡୁଙ୍ଗଡୁଙ୍ଗ ରାଜ୍ୟସ୍ତରୀୟ ଭଲିଭଲ ଖେଳିବା ନେଇ ପ୍ରସ୍ତୁତି କରିଥିଲେ।



ଭଲିବଲ କୋଚ ଓ ଅନ୍ୟମାନେ।

# ଗଣେଶ ପୂଜା ପାଇଁ ପୋଲିସର ପ୍ରସ୍ତୁତି

ରାଜଗାଙ୍ଗପୁର,୧୮।୯(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବହୁ ଆଡମ୍ବର ସହକାରେ ଗଣେଶ ପୂଜା ଉତ୍ସବ ଆଜିଠାରୁ ଆରମ୍ଭ ହେଉଛି। ସହରରେ ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ପେଣ୍ଡାଲରେ ଗଣେଶ ପୂଜାର୍ଚ୍ଚନା ହେବ। ଶାନ୍ତିପୂର୍ଣ୍ଣଭାବେ ଏହାକୁ କରାଯିବାର ଲକ୍ଷ୍ୟ ରଖି ପୋଲିସ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ରହିଛି। ବିଭନ୍ନ ପେଣ୍ଡାଲ ଓ ପେଟ୍ରୋଲିଂ ପାଇଁ ୩ ପ୍ଲାଟୁନ ଓଡ଼ିଶା ଷ୍ଟେଟ ଆର୍ମଡ ପୋଲିସ, ୮ ପ୍ଲାଟୁନ ହୋମଗାର୍ଡଙ୍କ ସହ ବିଭିନ୍ନ ବର୍ଗର ୨୫ ଜଣ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି ବୋଲି ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ପଞ୍ଚଦିବସୀୟ ହକି ପ୍ରତିଯୋଗିତା ଉଦ୍‌ଘାଟିତ

ବଡ଼ଗାଁ,୧୮।୯( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଦାଣ୍ଡଜମରା ଗ୍ରାମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଏମ୍‌ଟି ଜ୍ୟୋତି କ୍ଲବ ଆନୁକୂଲ୍ୟରେ ପାଞ୍ଚ ଦିବସୀୟ ହକି ପ୍ରତିଯୋଗୀତା ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ର, ମୁଖ୍ୟ ବକ୍ତା ବିଜେଡି ଜିଲା ସମ୍ପାଦକ ଅରୁଣ ଦିକ୍ଷୀତ, ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରା, ପୂର୍ବତନ ସମିତି ସଭ୍ୟ କାଶ୍ମୀର ବା, ମୁକ୍ତେଶ୍ୱର ସା, ଲଳିତ ବେହେରା, ଜିଲା ବିଜେଡି ସମ୍ପାଦକ ଅମିୟ ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ ବାଗବୁଡ ଓ ଗଡପୋଷ ମଧ୍ୟରେ ହୋଇଥିଲା। ଆୟୋଜକ କ୍ଲବର ଆନନ୍ଦ ଜମକିଆ, ଅନୀଲ ବା, ଯୋଶେଫ ସୋରେଙ୍ଗ ଖେଳ ପରିଚାଳନା କରିଥିଲେ।

# କୋଇଡ଼ା, ଟେନ୍‌ସା ଖଣି ଅଞ୍ଚଳରେ ବିଶ୍ୱକର୍ମା ପୂଜା

ଟେନ୍‌ସା,୧୮।୯(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ଓ ଟେନ୍‌ସା ଖଣି ଅଞ୍ଚଳରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଟେନସାରେ ଥିବା ଭାରତୀୟ ପ୍ରାଧିକରଣ ସେଲ, ସିଭିଲ, ବିଦ୍ୟୁତ୍, ଗ୍ୟାରେଜ, କ୍ରଶର ଆଦି ସ୍ଥାନ ଗୁଡିକରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଜିନ୍ଦଲ ଷ୍ଟିଲ ପାୱାର ଟିଆରବି ଖଣରେ ଧୁମ୍‌ଧମାରେ ପୂଜା ଅନୁଷ୍ଠିତ ହୋଇଯାଇଛି। ପିଟିଏ ଖଣି, ଗୀତାରାଣୀ ରାଇକେଳା ଖଣି, କରପ ଖଣି, କୋଇଡା ସାନିନ୍ଦୁପୁର ଓ ଓରାଘାଟରେ ଥିବା ରୁଙ୍ଗୁଟା ଖଣି, ଜେଏସଡବ୍ଲ୍ୟୁ ଖଣି, ଜଲଡ଼ିରେ ଥିବା ଏସଏନ ମହାନ୍ତି, ଏନି ଖଣି, କୋଇଡା ବସଷ୍ଟାଣ୍ଡ, କୋଇଡା ଟିପର ମାଲିକ ସଂଘ, କୋଇଡା ଟ୍ରକ ମାଲିକ ସଂଘ, ଟେନ୍‌ସା ଟିପର ମାଲିକ ସଂଘ, ଟେନସାରେ ଥିବା ପାୱାର ଇଞ୍ଜିନିୟର କୋ, କୋଇଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, କମଣ୍ଡ ରୁଙ୍ଗୁଟା ଷ୍ଟିଲପ୍ଲାଣ୍ଟରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହା ସହ ବିଭିନ୍ନ ଗ୍ୟାରେଜ, କଳ କାରଖାନା, ଦୋକାନ ଆଦି ଗୁଡିକରେ ମଧ ପୂଜା ହୋଇଥିଲା।



# ଡାଲମିଆ ଭାରତର ଆପ୍ ହେ ସଚ୍ଚେ ବିଶ୍ୱକର୍ମା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୧୮।୯(ଅଶୋକ ପାଣି)


ପ୍ରବୀଣ ଠିକାଦାରଙ୍କୁ ସମ୍ମାନିତ କରାଯାଉଛି।

ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡ ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ପାଳନ କରୁଥିବା ବାର୍ଷିକ ପରମ୍ପରା ଆପ୍ ହେ ସଚ୍ଚେ ବିଶ୍ୱକର୍ମା କାର୍ଯ୍ୟକ୍ରମରେ ସମଗ୍ର ପୂର୍ବାଞ୍ଚଳରେ ୧୬୨ ଜଣ ଅଭିଜ୍ଞ ଠିକାଦାରଙ୍କୁ ସମ୍ମାନିତ କରିଛି। ନିର୍ମାଣକାରୀଙ୍କ ବହୁମୂଲ୍ୟବାନ ଅବଦାନକୁ ପ୍ରଶଂସା ଏବଂ ସ୍ୱୀକୃତି ଜଣାଇବା ଲକ୍ଷ୍ୟରେ ଏହି ପ୍ରୟାସ କରାଯାଇଛି। ଓଡ଼ିଶାରେ ଏହି ପ୍ରୟାସ ପାଳନର ଅଂଶ ଭାବେ ଡାଲମିଆ ସିମେଣ୍ଟ ପ୍ରତିନିଧିଙ୍କ ଦ୍ୱାରା ୫୭ ଜଣ ଅଭିଜ୍ଞ ଠିକାଦାରଙ୍କୁ ସେମାନଙ୍କ ପରିବାର ସଦସ୍ୟ, ଡିଲର ଏବଂ ଠିକାଦାର ସମୁଦାୟଙ୍କ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବିଶିଷ୍ଟ ଠିକାଦାରଙ୍କୁ ଏକ ଟ୍ରଫି, ଫଳକ ଏବଂ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଫଟୋ ଆଲବମ୍ ପ୍ରଦାନ କରାଯାଇଥିଲା। ଯେଉଁମାନଙ୍କ କୋଠା ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ରହିଛି ସେମାନଙ୍କ ଫଟୋକୁ ଡାଲମିଆ ସିମେଣ୍ଟ ପକ୍ଷରୁ ଡିଲର ପଏଣ୍ଟଗୁଡିକର ରିଟେଲ ପଏଣ୍ଟରେ ସ୍ଥାନିତ କରାଯାଇଛି। ଅନେକଙ୍କ ମଧ୍ୟରେ ସମୁତ୍ଥାନ ଶକ୍ତିର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିପ୍ର ସେଠୀ। ଯିଏ ଯୁବାବସ୍ଥାରୁ ନିର୍ମାଣରେ ଦୃଢ ଇଚ୍ଛା ପୋଷଣ କରିଥିଲେ। କଠିନ ପରିଶ୍ରମ ଏବଂ ଏକାଗ୍ର ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁ ସ୍ୱତନ୍ତ୍ର ପ୍ରକଳ୍ପଗୁଡିକୁ ନିର୍ମାଣ କରି ବେଶ୍ ସୁଖ୍ୟାତି ଅର୍ଜନ କରିଛନ୍ତି। ଜଣେ ନିର୍ମାଣ ସହାୟକ ଭାବେ କାର୍ଯ୍ୟ ଆରମ୍ଭ କରି ପରିଶେଷରେ ବ୍ରହ୍ମପୁରରେ ଜଣେ ନାମୀ ଠିକାଦାର ପାଲଟିବା ସହିତ ୧୦ ଜଣ ମିସ୍ତ୍ରୀଙ୍କୁ ତାଲିମ ଦେଇଛନ୍ତି ଏବଂ ୧୦୦ରୁ ଅଧିକ କୋଠା ନିର୍ମାଣ ପୂର୍ଣ୍ଣାଙ୍ଗ କରିଛନ୍ତି। ଯେଉଁଥିରେ ଏକ ସରକାରୀ ବିଦ୍ୟାଳୟ ରହିଛି। ଏହି ଅବସରରେ କମ୍ପାନୀର ଜଣେ ମୁଖପାତ୍ର କହିଛନ୍ତି, ଡାଲମିଆ ଭାରତର ଏହି ପ୍ରୟାସ କାର୍ଯ୍ୟକାରୀ କରି ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛନ୍ତି, କାରଣ ଏହା କାରିଗରୀ, ଏକତା ଏବଂ

**୧୬୨ ପ୍ରବୀଣ ଠିକାଦାର ସମ୍ମାନିତ**

ସମ୍ମାନବୋଧ ଭଳି କମ୍ପାନୀର ମୂଳ ମୂଲ୍ୟବୋଧକୁ ଅଧିକ ଦୃଢୀଭୁତ କରୁଛି। ଭଗବାନ ବିଶ୍ୱକର୍ମା କାରିଗରୀ ଏବଂ କୁଶଳତାର ଦେବତା ଭାବରେ ବିଶେଷ ଗୁରୁତ୍ୱ ବହନ କରୁଛନ୍ତି। ଏହି ଅନନ୍ୟ ବ୍ୟକ୍ତିବିଶେଷଙ୍କୁ ଏହି ଦିବସରେ ସମ୍ମାନ ଓ ସ୍ୱୀକୃତି ଜଣାଇବା, ସେମାନଙ୍କ କାରିଗରୀ ଏବଂ ବୈଷୟିକ ବିଦ୍ୱତାକୁ ସ୍ୱୀକୃତି ଜଣାଇବାର ନିଦର୍ଶନ ହୋଇଛି ଏବଂ ଏହା ନିର୍ମାଣ ଶିଳ୍ପରେ ସେମାନଙ୍କର ଦୀର୍ଘସ୍ଥାୟୀ ପ୍ରଭାବ ସମ୍ପର୍କରେ ଆଲୋକପାତ କରୁଛି । ନିର୍ମାଣ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସମ୍ମାନ ପ୍ରଦର୍ଶନ ଏବଂ ଏକ ଦଳଗତ ଭାବଧାରା ପରିପୋଷଣ କରିବା ନିମନ୍ତେ ଆମେ ପ୍ରତିବର୍ଷ ଏହି ପରମ୍ପରା ବଜାୟ ରଖିବା ଆଶା କରୁଛୁ। ସମଗ୍ର ପୂର୍ବାଞ୍ଚଳରେ ଠିକାଦାର ସମୁଦାୟଙ୍କ ମଧ୍ୟରେ ଏକ ସୁଖଦ ଅନୁଭବ ସୃଷ୍ଟି ନିମନ୍ତେ ଡାଲମିଆ ଭାରତ ୨୦୨୦ରୁ ଏହି ପ୍ରୟାସ କାର୍ଯ୍ୟକାରୀ କରିଆସୁଛି।

## ଗ୍ରାମରକ୍ଷୀଙ୍କ ଅକାଳ ମୃତ୍ୟୁ

ରେଢ଼ାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ): ରେଢାଖୋଲ ଥାନା ଲୁହାପଙ୍କ ଗ୍ରାମର ଗ୍ରାମରକ୍ଷୀ ବିନାୟକ ବେହେରା (୪୫)ଙ୍କ ସୋମବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଛି। ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନା ଆଣିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରେଢାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଙ୍କର ସ୍ତ୍ରୀ ସହ ୩ଝିଅ ଓ ଗୋଟିଏ ପୁଅ ଅଛନ୍ତି।



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୧୮।୯ (ଶୁଭାଶିଷ ପାଢ଼ୀ): ସମ୍ବଲପୁର ଟିପିଲିମା ପାୱାର ଚ୍ୟାନେଲରେ ପଡି ନିଖୋଜ ଥିବା ସ୍ଥାନୀୟ ବଗବିରା ଗ୍ରାମର ଦ୍ରୋଣ ତରିଆ (୨୭)ଙ୍କ ମୃତଦେହ ସୋମବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ରବିବାର ବିଶ୍ୱକର୍ମା ପୂଜା ସମୟରେ ଟିପିଲିମା ପାୱାର ଚ୍ୟାନେଲରେ ଭିଡ ଲାଗିରହିଥିଲା। ରାତି ପ୍ରାୟ ସାଢେ ୯ଟା ସମୟରେ ଫୋରୱେ ପାୱାର ଚ୍ୟାନେଲରେ ଦ୍ରୋଣ ଖସିପଡିଥିଲେ। ଟିପିଲିମା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ମାଧ୍ୟମରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା।

### କେନାଡିପାରେ ନୂତନ ଲ୍ୟାମ୍ପ୍ସ ଉଦ୍‌ଘାଟିତ

ଜମନକିରା,୧୮।୯ (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ସଦର ମହକୁମାଠାରେ ରବିବାର ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ କରକମଳରେ ନୂତନ ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ନାଏକ, ସମିତି ସଭ୍ୟା ଶାନ୍ତି ଧୃରୁଆ, ମହଦା ସରପଞ୍ଚ କୀର୍ତ୍ତନ ମାଝି, ସମିତି ସଭ୍ୟ ସୁଶୀଲ ମାକର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନାଡିପା ସମବାୟ ସମିତି କେନାଡିପା ଓ ମହଦା ପଞ୍ଚାୟତକୁ ନେଇ ଗଠନ କରାଯାଇଛି। କୃଷକ ସଂଗଠନ ସଭାପତି ତ୍ରିଲୋଚନ ପଟେଲ ଅତିଥି ପରିଚୟ ଓ ସମ୍ପାଦକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଶୀମଦ ଜବତ, ୨ ଗିରଫ

ସମ୍ବଲପୁର,୧୮।୯(ବି.ଶଙ୍କର): ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ପୃଥକ୍ ସ୍ଥାନରେ ଚଢାଉ କରାଯାଇ ଦେଶୀମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରେଙ୍ଗାଲି ଚାଉଳଡିପୋ ନିକଟରୁ ଅବକାରୀ ଟିମ୍ ୨୫ ଲିଟର ଦେଶୀମଦ ଜବତ କରି ଜୟ ଓରାମ (୫୦)ଙ୍କୁ ଗିରଫ କରିଛି। ଏ ନେଇ ସମ୍ବଲପୁର ଭୁତାପଡାସ୍ଥିତ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ସଦର-୧ ପକ୍ଷରୁ ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ରାଜାପଡାରେ ଚଢାଉ କରାଯାଇ ୨୪ ଲିଟର ଦେଶୀମଦ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ବିରଞ୍ଚି ଓରାମ (୩୧)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ଏଏପିର ପଥପ୍ରାନ୍ତ ସଭା

ସମ୍ବଲପୁର,୧୮।୯(ବି.ଶଙ୍କର): ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅଇଁଠାପାଲି ଅଞ୍ଚଳରେ ପଥପ୍ରାନ୍ତ ସଭା ଓ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ସମ୍ବଲପୁର ଜିଲା ସଭାପତି ଲାଲମଣି ଲୁଗୁନଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ସୁବେଶ ମୁଣ୍ଡା, ଭୂପେନ ସାହୁ, ଜୟକୃଷ୍ଣ ଓରାମ, ବୀରକିଶୋର ଭୋଇସାଗର ସାମିଲ ଥିଲେ। ଏଥିରେ ଅଇଁଠାପାଲି, ସରଲାକାନି, ଟାଙ୍ଗରପାଲି, ଡେଙ୍ଗସର୍ଗୀ, କୁଲୁଥକାନି ଅଞ୍ଚଳରୁ ସଭ୍ୟ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ବର୍ଜନ କରିଛନ୍ତି : ପି. ସାଇନାଥ

ସମ୍ବଲପୁର,୨୨।୯ (ଶୁଭାଶିଷ ପାଢ଼ୀ)

ଦେଶରେ ଇଣ୍ଡିଆ ମେଣ୍ଟ ୧୪ ଜଣ ଟିଭି ନ୍ୟୁଜ ଆଙ୍କରଙ୍କ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଆଜି ଗଣମାଧ୍ୟମ ଉପରେ ପ୍ରଶ୍ନ ହେଉଛି। ଗଣମାଧ୍ୟମ ବିତର୍କରେ ଭାଗନେବା କିମ୍ବା ସୂଚନା ଦେବା ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ବ୍ୟାପାର। ଏବେ ଇଣ୍ଡିଆ ମେଣ୍ଟ ନେଇଥିବା ନିଷ୍ପତ୍ତି ବ୍ୟକ୍ତିଗତ। ହେଲେ ପ୍ରଧାନମନ୍ତ୍ରୀ ପ୍ରାୟ ସାଢେ ୯ବର୍ଷ ହେବ ଦେଶର ଗଣମାଧ୍ୟମକୁ ବର୍ଜନ (ବଏକଟ୍) କରିଛନ୍ତି । ଇତିମଧ୍ୟରେ କୌଣସି ପ୍ରେସ୍ କନ୍‌ଫରେନ୍ସ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ଜନପ୍ରତିନିଧି ଜନତାଙ୍କ ନିକଟରେ ଉତ୍ତରଦାୟୀ। କାରଣ ଜନତାଙ୍କ ପ୍ରଶ୍ନ ଓ ସ୍ୱର ଜନପ୍ରତିନିଧିମାନେ ଉଠାଇଥାନ୍ତି। ତେଣୁ ଲୋକପ୍ରତିନିଧି ଉତ୍ତର ଦେବାକୁ ବାଧ୍ୟ ବୋଲି ସୋମବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପି. ସାଇନାଥ କହିଛନ୍ତି।




ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ କର୍ମଶାଳାରେ ବକ୍ତବ୍ୟ ରଖୁଛନ୍ତି ପି. ସାଇନାଥ ।

ସାଇନାଥ ଆହୁରି କହିଛନ୍ତି, ଚାଷୀମାନଙ୍କ ପାଇଁ ଯୋଜନା ହେଉଛି। ହେଲେ ତାହା ବିଭିନ୍ନ କାରଣରୁ ଚାଷୀଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଚାଷୀଙ୍କ ଆୟ ଦୁଇଗୁଣ ହେବ ବୋଲି କୁହାଯାଉଥିବା ବେଳେ ସେମାନଙ୍କ ଖର୍ଚ୍ଚ ପୂର୍ବ ଅପେକ୍ଷା ଢେର ଗୁଣ ବୃଦ୍ଧି ପାଇଛି। କୃଷି ଉପକରଣ, ସାର, ବିହନ ଭଳି ସମସ୍ତ ସୁବିଧା ଚାଷୀଙ୍କୁ ଦିଆଯିବାକୁ ଯୋଜନା ରହିଛି। ହେଲେ ବାସ୍ତବତା ଭିନ୍ନ ରହୁଛି। ଚାଷୀ ଅପେକ୍ଷା କୃଷି ଉଦ୍ୟୋଗୀଙ୍କୁ କୃଷିଋଣ ଅଧିକ ଦିଆଯାଉଛି। ମହାରାଷ୍ଟ୍ରରେ ଏହାର ଉଦାହରଣ ରହିଛି। ଗ୍ରାମାଞ୍ଚଳରେ ଅଧିକାଂଶ ଚାଷୀ ରହୁଥିବା ବେଳେ ସହରାଞ୍ଚଳରେ ଏହି ଋଣ ଆବଣ୍ଟନ କରାଯାଉଛି। ମୋଟ ୫୩ ପ୍ରତିଶତ ଋଣ ସହରାଞ୍ଚଳରେ କୃଷି ଉଦ୍ୟୋଗୀ ଓ କୃଷି ଉପକରଣ ବିକ୍ରି କରୁଥିବା ଏଜେନ୍ସିକୁ ମିଳୁଛି। ୧୯୮୦ ଦଶକରେ ଜାତୀୟ ବ୍ୟାଙ୍କ ଖୋଲାଯିବା ସମୟରେ ମହାଜନୀ କାରବାର ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ହେଲେ ଏବେ ପୁଣି ଲାଗୁ ହୋଇଯାଇଛି। ବଡ ମହାଜନଙ୍କଠାରୁ ଛୋଟ ମହାଜନ ଆଣିଥିବା ଋଣ ପରିଶୋଧ କରୁନାହାନ୍ତି । ଅନ୍ୟପଟେ ଚାଷୀମାନେ ମଧ୍ୟ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଲକ୍ଷାଧିକ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ଏହାର କାରଣ ଓ ପ୍ରକୃତ ସଂଖ୍ୟା ଚପାଇ ଦିଆଯାଉଛି। ଅନେକ କ୍ଷେତ୍ରରେ ଚାଷୀ ଆତ୍ମହତ୍ୟା ତଦନ୍ତ ମଧ୍ୟ

**ଚାଷୀ ଆତ୍ମହତ୍ୟା କାରଣ, ସଂଖ୍ୟା ଚପାଇ ଦିଆଯାଉଛି**

ଠିକ୍ ଭାବେ କରାଯାଏ ନାହିଁ। କୃଷକଙ୍କ ନାମରେ ସରକାରୀ ଯୋଜନାର ଲାଭ ଚାଷୀ ପରିବର୍ତ୍ତେ ଉଦ୍ୟୋଗୀ ପାଉଛନ୍ତି। ଅନ୍ୟପଟେ ଖର୍ଚ୍ଚ ଅନୁସାରେ ଚାଷୀ ମୂଲ୍ୟ ପାଉ ନାହିଁ। ତେଣୁ ଚାଷୀ ଆୟ ଦୁଇଗୁଣ ହୋଇପାରିବ ନାହିଁ। ସ୍ୱାମୀନାଥନ କମିଶନ ରିପୋର୍ଟକୁ ଆଧାର କରି ସରକାର ନିଷ୍ପତ୍ତି ନେବା ଉଚିତ। ଗ୍ରାମାଞ୍ଚଳରେ ଆର୍ଥିକ ଅନଟନ ଦୂର କରିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଲାଗୁ କରାଯାଇଛି। ହେଲେ ବଜେଟ କମ୍ କରାଯିବା ସହ ଠିକ୍‌ସମୟରେ ଶ୍ରମିକମାନଙ୍କୁ ମଜୁରି ଦିଆଯାଉ ନାହିଁ। ଦେଶର ଚାଷୀଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ସେ କହିଥିଲେ। କର୍ମଶାଳାରେ ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଶଙ୍କର ବେହେରା, ସମ୍ପାଦକ ଶିବଶଙ୍କର ନନ୍ଦଙ୍କ ସମେତ ଜିଲାର ଖବରଦାତାମାନେ ଉପସ୍ଥିତ ଥିଲେ।

## ବେଲ୍‌ରେ ଆସିଥିବା ଅଭିଯୁକ୍ତ ଜେଲ ଗଲେ

ଜମନକିରା,୧୮।୯ (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେ ହେଲେ ଜମନକିରା ସଦର ପଞ୍ଚାୟତ ମାଧଡ଼ିହି ଗାଁର ସୁଶାନ୍ତ କୁମାର ପ୍ରଧାନ (୨୦)। ସୁଶାନ୍ତ ପୋଲିସ ରାଇଟରଙ୍କୁ ମାଡ ମାରିବା ଅଭିଯୋଗରେ ଗିରଫ ହୋଇ ୨ଦିନ ପୂର୍ବରୁ ବେଲରେ ଆସିଥିଲେ। ପୋଲିସ ସୂଚନା ଅନୁଯାୟୀ, ଜମନକିରା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ରବିବାର ରାଶନ ସାମଗ୍ରୀ ନେଇ ଘରକୁ ଫେରୁଥିବା ବେଳେ ସୁଶାନ୍ତ ତାଙ୍କ ଡ୍ରେସ୍ ଟାଣି ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ଘରେ କହିବା ପରେ ସୋମବାର ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨୦/୨୩) ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି।



ସୁଶାନ୍ତ ପ୍ରଧାନ

## ବାମରା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍ଶୀ)

ବାମରା ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ଏସ୍‌ପି ଆଲବିନୁସ କେର୍କେଟା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ମୋଟ ୩୮ଗୋଟି ଅଭିଯୋଗ ଆସିଥିଲା। ଏଥିରେ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ସମ୍ବଲପୁର ସିଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ସାହୁ, ଏସ୍‌ଡିପିଓ ଅମିତାଭ ପଣ୍ଡା,ଏସିଏଫ୍ ଯତୀନ୍ଦ୍ର କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ବିଡିଓ ପୁଷ୍ପକ କୁମାର ପ୍ରଧାନ, ତହସିଲଦାର ଦିଲୀପ ପ୍ରଧାନ କୁଚିଣ୍ଡା ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍ଶୀ)

**୩୦୦ ପିଲାଙ୍କ ଚକ୍ଷୁ ପରୀକ୍ଷା**

ବାମରା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକ ସ୍ତରୀୟ ସୁନେତ୍ର (ଚକ୍ଷୁ ପରୀକ୍ଷା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋବିନ୍ଦପୁର, ବାଉଁଶଲଗା, ଉଚ୍ଚକାପାଟ, ରଙ୍ଗିଆଟିକିରା କ୍ଲଷ୍ଟରର ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରିଣୀ ମୀନାରାଣି ମଙ୍ଗଳ, ବ୍ଲକ ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୋଏ, ବିଆର୍‌ସିସି ହୃଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମ୍ବଲପୁରର ଚକ୍ଷୁ ସହାୟକ ନିରଞ୍ଜନ ବାରିକ, ସତ୍ୟବ୍ରତ ଦାସ, ପ୍ରତିଲିପ୍ସା ପତି, ଅଭିପ୍ସା ନାୟକ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମୋଟ ୩ଶହ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୭୦ ଜଣଙ୍କୁ ଚଷମା ଦିଆଯାଇଥିଲା। ଏହାକୁ ବିଆର୍‌ଟି ହିମାଂଶୁ ଭୂଷଣ ରାଉତ ପରିଚାଳନା କରିଥିବା ବେଳେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସାଇବାବାଙ୍କ ଲସ୍କର, ଅନିଲ ମିଞ୍ଜ,ବିମଳା ସୁରିନ ଓ ପରମାନନ୍ଦ ମହାନନ୍ଦିଆ ସହଯୋଗ କରିଥିଲେ।

## ଭାଜପାର ମିଶ୍ରଣ ପର୍ବ

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍ଶୀ): କୁଚିଣ୍ଡା ଭାଜପା କାର୍ଯ୍ୟାଳୟରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରା ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର ଅନ୍ୟ ଦଳର ୭ଜଣ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଏଥିରେ ଟାଉନ ସାଧାରଣ ସମ୍ପାଦକ ପ୍ରାଣବନ୍ଧୁ ନାଥ, ପ୍ରିତମ ପାଣିଗ୍ରାହୀ, ମହେଶ ରାୟ, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏମ୍‌ସି କମିଶନରଙ୍କ ହୀରାକୁଦ ପରିଦର୍ଶନ

ସମ୍ବଲପୁର,୧୮।୯(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) କମିଶନର ବେଦ ଭୂଷଣ ସୋମବାର ହୀରାକୁଦ ଅଞ୍ଚଳ ପରିଦର୍ଶନ କରିଛନ୍ତି। ହୀରାକୁଦ-ରେମେଡ଼ ରାସ୍ତା ଦେଇ ଆସୁଥିବା କମ୍ପାନୀ ଗାଡି ସକାଶେ ରେଲୱେ ଲାଇନ, ପୋଖରୀ ସୌନ୍ଦର୍ଯ୍ୟକରଣ, ଦୁର୍ଗାମନ୍ଦିର ଛକସ୍ଥିତ ଶୌଚାଳୟ, ବଜାର ରାସ୍ତା, ଗାନ୍ଧୀ ମିନାର ତଳେ ଥିବା ବ୍ୟାୟାମଶାଳା ପ୍ରଭୃତି ବୁଲି ଦେଖିଥିଲେ। ପରେ ସେ ହୀରାକୁଦର ସାମାଜିକ କର୍ମୀ କାର୍ତ୍ତିକ କଲେତ, ପ୍ରତାପ ତାଣ୍ଡି, ସରୋଜ ସାହୁ, ମଧୁସୂଦନ ଦାସ, ଈଶ୍ୱର ଅଗ୍ରୱାଲ, ଉମା ଗୌଡ଼, ଶଶିକାନ୍ତ ମିଶ୍ର, ଅଜିତ ପାତ୍ରଙ୍କ ସହ ଆଲୋଚନା କରିଥିଲେ।

## ଗଣେଶ ପୂଜା ବିସର୍ଜନ ପାଇଁ ଅନୁମତି ଦିଆଯାଉ

ସମ୍ବଲପୁର,୧୮।୯(ବି.ଶଙ୍କର)

ମହାନଗର ପୂଜା କମିଟି ସମ୍ବଲପୁର ପକ୍ଷରୁ ଗଣେଶ ପୂଜା ବିସର୍ଜନ ପାଇଁ ଅନୁମତି ଦାବି ହୋଇଛି। କମିଟି କର୍ମକର୍ତ୍ତା ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି।

## ଆବାସ ଯୋଜନାରେ ହିତାଧିକାରୀ ହଇରାଣ



ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ଦଳୀୟ କର୍ମକର୍ତ୍ତା।

ନାକଟିଦେଉଳ,୧୯।୯(ବୈକୁଣ୍ଠ ନାଥ ସାହୁ)

**ବିଡ଼ିଓଙ୍କୁ ଭାଜପାର ସ୍ମାରକପତ୍ର**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ହଇରାଣ ହେଉଥିବା ନେଇ ଭାଜପା ଅଭିଯୋଗ କରି ସୋମବାର ନାକଟିଦେଉଳ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଦର୍ଶାଯାଇଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ପାସ୍ ବହିରେ ପ୍ରଥମ କିସ୍ତିରେ ୪୦ହଜାର ଟଙ୍କା ଲେଖାଏ ଜମା ହୋଇଛି। ଟଙ୍କା ଜମା ପରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଶୀଘ୍ର ଘର ନିର୍ମାଣ ପାଇ ପଞ୍ଚାୟତ ପକ୍ଷରୁ କୁହାଯାଉଛି। ହିତାଧିକାରୀ ଧାର କରଜ କରି ନିଜେ ରହୁଥିବା ସରକାରୀ ଜମିରେ ଘର ନିର୍ମାଣ କରିଛନ୍ତି। ତେବେ ସରକାରୀ ଜମିରେ ଘର କରୁଥିବାରୁ ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଦିଆଯିବ ନାହିଁ ବୋଲି ପଞ୍ଚାୟତ ପକ୍ଷରୁ କୁହାଯାଉଥିବାରୁ ହିତାଧିକାରୀ ଚିନ୍ତିତ ହୋଇପଡିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଦଳୀୟ ନେତା ଗୋବିନ୍ଦ ଅଗ୍ରୱାଲାଙ୍କ ନେତୃତ୍ୱରେ ଦଳର କାର୍ଯ୍ୟକର୍ତ୍ତା କୁମାରେଶ ସ୍ୱାଇଁ, ହରିହର ସାହୁ, ସନାତନ ବେହେରା, ପ୍ରଫୁଲ୍ଲ ପ୍ରଧାନ, ରବୀନ୍ଦ୍ର ନାଥ ଧଳ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

## ନାକଟିଦେଉଳରେ ଆକାଂକ୍ଷିତ ବ୍ଲକ କାର୍ଯ୍ୟକ୍ରମ

ନାକଟିଦେଉଳ,୧୯।୯(ବୈକୁଣ୍ଠ ନାଥ ସାହୁ )

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜିଲା ପ୍ରଶାସନ ଆନୁକୂଲ୍ୟରେ ଆକାଂକ୍ଷିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଜିଲା ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ,ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ନାକଟିଦେଉଳ ଜୋନ-୨ର ଜିଲାପରିଷଦ ସଭ୍ୟା ଟିକେଶ୍ୱରୀ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁମାନଙ୍କ ପୁଷ୍ଟିହୀନତା, ଅଧାରୁ ବିଦ୍ୟାଳୟ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା, ପାନୀୟ ଜଳ ଯୋଗାଣ ହୋଇପାରି ନ ଥିବା ଗ୍ରାମର ଲୋକେ କିପରି ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ଗର୍ଭବତୀଙ୍କ ନିରାପଦ ପ୍ରସୁତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହିସବୁ ବ୍ୟବସ୍ଥାର ଠିକ୍ ପରିଚାଳନା କରି କିଭଳି ଲୋକଙ୍କୁ ସୁବିଧା ମିଳିପାରିବ ସେ ଦିଗରେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ସହଯୋଗ କରିବାକୁ ପିଡ଼ି ଡ଼ିଆଡ଼ିଏ ବଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବିଭାଗ ଅଧିକାରୀଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ପିଏମ୍‌ଏୱାଇ, ରାଶନକାର୍ଡ ପ୍ରଦାନରେ ଅନିୟମିତତା ଅଭିଯୋଗ

ରେଢ଼ାଖୋଲ,୧୮।୯(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକ ମୋଚିବାହାଳ ପଞ୍ଚାୟତର ମୋଚିବାହାଳ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଶନ କାର୍ଡ ପ୍ରଦାନରେ ଯୋଗ୍ୟ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏ ନେଇ ସୋମବାର ମୋଚିବାହାଳ ଗ୍ରାମର ବହୁ ମହିଳା ଉପଜିଲାପାଳ ପବିତ୍ର ବେହେରାଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଦୀର୍ଘବର୍ଷ ହେବ ଗ୍ରାମରେ ରହୁଥିଲେ ହେଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିନାହିଁ। ବାରମ୍ବାର ଆବେଦନ କରୁଥିଲେ ହେଁ ରାଶନକାର୍ଡ ମିଳିପାରୁନାହିଁ। ଅନ୍ୟପକ୍ଷେ ସମସ୍ତ ସୁବିଧା ଥିବା ଲୋକେ ସରକାରୀ ସୁବିଧା ପାଉଛନ୍ତି। ପ୍ରମିଳା ଦୀପ, କୌଶଲ୍ୟା ନାଗ, ବୈଦେହି ଭୋଇଙ୍କ ସମେତ ବହୁ ମହିଳା ଅଭିଯୋଗ କରିଥିଲେ। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ସବୁଠି ନୂଆଁଖାଇ ଉତ୍ସାହ

ସମ୍ବଲପୁର,୨୨।୯ (ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଇଁ ସହରଠାରୁ ଗ୍ରାମ ସବୁଠି ଉତ୍ସାହ ଦେଖିବାକୁ ମିଳିଛି। ପ୍ରବାସୀ ଘରକୁ ଫେରୁଥିବାବେଳେ କିଣାବିକା ପାଇଁ ବଜାରରେ ଭିଡ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ଏଥିପାଇଁ ପ୍ରସ୍ତୁତି ଚାଲିଛି। ସମ୍ବଲପୁର ଜିଲାର ପୁରପଲ୍ଲି ଚଳଚଞ୍ଚଳ ହୋଇଉଠିଛି।

ପଶ୍ଚିମ ଓଡ଼ିଶାର ମୁଖ୍ୟ ଜୀବିକା ଚାଷ। ନୂଆଁଖାଇରେ ଚାଷୀ ବର୍ଷର ଅମଳ କରିଥିବା ପ୍ରଥମ ଅନ୍ନକୁ ଭକ୍ତି ସହକାରେ ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରି ବର୍ଷତମାମ ସୁଖସମୃଦ୍ଧି କାମନା କରିଥାଏ। ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ପ୍ରତ୍ୟେକ ପରିବାର ନୂଆଁ ଖାଇଥାନ୍ତି। ତେବେ ଚଳିତବର୍ଷର ନୂଆଖାଇ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ଆସନ୍ତା ୨୦ ତାରିଖରୁ ଦୁଇଦିନ ଧରି ନୂଆଁଖାଇ ପର୍ବ ପାଳନ ହେବ। ଏଥିପାଇଁ



ମାନେଶ୍ୱର ସାପ୍ତାହିକ ବଜାରରେ ଖଲିଦନା ବିକ୍ରି ହେଉଛି ।

ସମସ୍ତ ବର୍ଗର ଲୋକେ ସଜବାଜ ଆରମ୍ଭ କରିଦେଇଛନ୍ତି। ଦୂରରେ ଥିବା ପରିବାର ପରିଜନ ଘରକୁ ଫେରୁଛନ୍ତି। ନୂଆଁଖାଇ ପାଇଁ ଘର ସଜାଇବା ସହ ନୂଆ ପୋଷାକ, ନୂଆ ବାସନ କିଣିବା ଭଳି କାମରେ ଲାଗିପଡିଛନ୍ତି ପୁରା ପରିବାର। ଜଙ୍ଗଲରୁ ପତ୍ର ସଂଗ୍ରହ ସହ ନୂଆ ମାଟିପାତ୍ର ମଧ୍ୟ କ୍ରୟ କରୁଛନ୍ତି। ଘର ଲିପାପୋଛା କରି ସଜାଇବାରେ ଲାଗିଛନ୍ତି । ଅନେକ ସ୍ଥାନରେ ସ୍ୱତନ୍ତ୍ର ବଜାର ବସିଥିବାରୁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ନୂଆଖାଇରେ ସବୁ ଶତ୍ରୁତା ଭୁଲି ଗାଁ ଲୋକେ ଏକାଠି ହୋଇ ନୂଆଁ ଖାଇଥାନ୍ତି। ପରେ ଆରମ୍ଭ ହୋଇଥାଏ ଶୁଭେଚ୍ଛା ଓ ସ୍ନେହ ଆଦାନପ୍ରଦାନ ପରମ୍ପରା। ଏଥିରେ ସମସ୍ତେ ନୂଆଁଖାଇ ଜୁହାର ଭେଟ ହୋଇଥାଆନ୍ତି। ଦୁଇଦିନ ଧରି ଆଦିବାସୀ ନୃତ୍ୟ, ଡାଲଖାଇ, ମାଇଲା ଜଡ଼, କୁରେଫୁଲ ଭଳି ପାରମ୍ପରିକ ନୃତ୍ୟଗୀତରେ ସମସ୍ତେ ସାମିଲ ହୋଇ ଖୁସି ମନାନ୍ତି। ଏଥର ଲୋକେ ନୂଆଁଖାଇ ଭେଟ୍‌ଘାଟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଓ ପ୍ରତିଯୋଗିତା ଗାଁ ଗାଁରେ ଆୟୋଜନ କରିଛନ୍ତି।

## ନୂଆଁଖାଇ ପାଇଁ ୨ଦିନ ଛୁଟି ଘୋଷଣା

ସମ୍ବଲପୁର,୧୮।୯ (ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପରଦିନକୁ ଛୁଟି ଘୋଷଣା ପାଇଁ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ସାଧାରଣ ଲୋକେ ଦାବି କରିଆସୁଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ସୋମବାର ଏହିଦିନକୁ ଆଞ୍ଚଳିକ ଛୁଟି ଘୋଷଣା କରିଛନ୍ତି। ନୂଆଁଖାଇ ସେପ୍ଟେମ୍ବର ୨୦ ତାରିଖ ଛୁଟି ରହିଥିଲା। ଏବେ ୨୧ ତାରିଖକୁ ଛୁଟି ଘୋଷଣା କରାଯାଇଛି। ଏହା ସମ୍ବଲପୁର ଓ ବରଗଡ ଜିଲା ସହ ସୁନ୍ଦରଗଡ ଉପଖଣ୍ଡ ପାଇଁ ଲାଗୁ ହୋଇଛି। ପୂର୍ବରୁ ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୂଆଁପଡା, ଝାରସୁଗୁଡା ଜିଲା ସହ ସୁନ୍ଦରଗଡ ଜିଲାର ପାନପୋଷ, ବଣାଇ ଉପଖଣ୍ଡ ୨୧ ତାରିଖ ଛୁଟି ଘୋଷଣା ହୋଇଥିଲା। ଜିଲାପାଳମାନଙ୍କ ଅନୁରୋଧ କ୍ରମେ ଆର୍‌ଡିସି ଏହି ଛୁଟି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନୂଆଁଖାଇରେ ଦୁଇଦିନ ଛୁଟି ହୋଇଥିଲା। ଚଳିତବର୍ଷ ମଧ୍ୟ ୨ଦିନ ଛୁଟି ପାଇଁ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଥିଲା।

